# କାଜୁ ବଗିଚା, କ୍ଷେତ୍ରପୋଖରୀ ନାଁରେ ଅର୍ଥ ଆତ୍ମସାତ୍

## ମୃତ୍ତିକା ସଂରକ୍ଷଣ ବିଭାଗରେ ଦୁର୍ନୀତି

- ୨୦ କାଜୁ ଗଛ ନାହିଁ, ୨୦ ଲକ୍ଷ ଚଳୁ
- ମେଶିନ କରୁଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ

କୋରେଇ,୨୮।୭( ଚନ୍ଦ୍ରକାନ୍ତ ପତି)





ରାଜ୍ୟରେ ମୃତ୍ତିକା ସଂରକ୍ଷଣ ବିଭାଗ ରେକର୍ଡ ସଂଖ୍ୟାରେ ଚାଷଜମିରେ କ୍ଷେତ୍ର ପୋଖରୀ ଏବଂ କାଜୁ ବଗିଚା ଆଦି ସୃଷ୍ଟି କରିଥିବା ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ହେଲେ ପରିତାପର ବିଷୟ ପଞ୍ଚାୟତ ସ୍ତରୀୟ ନେତା ଏବଂ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ କାଜୁ ବଗିଚା ଓ କ୍ଷେତ୍ର ପୋଖରୀ ନାମରେ ଅନେକ କୋଟି ଟଙ୍କା ଆତ୍ମସାତ୍ କରାଯାଇଛି। ଯାଜପୁର ଜିଲାରେ ମଧ ମୃତ୍ତିକା ସଂରକ୍ଷଣ ବିଭାଗରେ ଅନେକ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଲ୍ ହେଉଥିବାରୁ ଅଧିକାରୀମାନେ ମିଥ୍ୟା ମଷ୍ଟରରୋଲ୍ ପ୍ରସ୍ତୁତ କରି ଜାଲ୍ ଶ୍ରମିକଙ୍କ ଆକାଉଣ୍ଟଙ୍କୁ ଅର୍ଥରାଶି ପୈଠ କରୁଛନ୍ତି ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ସ୍ଥାନୀୟ ନେତା ଏବଂ ବିଭାଗୀୟ ଅଧିକାରୀ ଅଧାରୁ ଅଧିକ ଅର୍ଥ ମିଳିମିଶି ଚଳୁ କରୁଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ ଏହି ବିଭାଗ ପକ୍ଷରୁ ଗତ ୪ ବର୍ଷ ମଧ୍ୟରେ ଯାଜପୁର ଜିଲାରେ ୨୧୫୮ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଇତିମଧ୍ୟରୁ ୧,୨୭୩ ପ୍ରକଳ୍ପର କାମ ଚାଲୁ ରହିଥିବାବେଳେ ୮୮୬ଟି ଶେଷ ହୋଇଛି। ବଡ଼ଚଣା ବ୍ଲକରେ ୧୦୭, ବରୀ ୧୨୭, ବିଞ୍ଝାରପୁର ୨୪୫, ଦାନଗଦି ୪୧, ଦଶରଥପୁର ୨୪୯, ଧର୍ମଶାଳା ୧୩୨, ଯାଜପୁର ୧୧୯, କୋରେଇ ୧୪୬, ରସୁଲପୁର ୧୪ ଏବଂ ସୁକିନ୍ଦା ବ୍ଲକରେ ୯୨ ପ୍ରକଳ୍ପ ଶେଷ ହୋଇଛି। କୋରେଇ ବ୍ଲକରେ କାଜୁ ବଗିଚା ଏବଂ କ୍ଷେତ୍ର ପୋଖରୀ ନାଁରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ଅମୃତିଆ ପଞ୍ଚାୟତରେ ୨୦, ଅନ୍ଧାରୀରେ ୭, ଅସନଝରରେ ୪, ବଡ଼ବିରୁହାଁରେ ୧, ବନ୍ଧାଳରେ ୨୨, ବରୁଣ୍ଡେଇରେ ୧, ଧନେଶ୍ୱରରେ ୨, ଗୋଳେଇପୁରରେ ୩, ହଳଦୀଗଡ଼ିଆରେ ୮, ଜହ୍ନାରେ ୩, କାଚରାସାହିରେ ୧୪, କନ୍ତୋରରେ ୮, କରଦାରେ ୨, ମକୁନ୍ଦପୁରରେ ୧୦, ମୂଳାପାଳରେ ୨, ପଛିକୋଟରେ ୧୩, ପାଟରଙ୍ଗାରେ ୪, ରଣପୁରରେ ୧୩, ସାଦକପୁରରେ ୩, ତଣ୍ଡରାରେ ୨ ଏବଂ ତୁଳତୀ ପଞ୍ଚାୟତରେ ୪ଟି କାଜୁ ବଗିଚା ଓ କ୍ଷେତ୍ର ପୋଖରୀ ନିର୍ମାଣ କରାଯାଇଛି। ହେଲେ କେଉଁ ପଞ୍ଚାୟତରେ କାଜୁ ଗଛ ନ ଥାଇ ବିଲ୍ ହୋଇଛି ତ କେଉଁଠି ପୁରୁଣା ପୋଖରୀ ଏବଂ ଖତ ଗାଡ଼ିଆକୁ କ୍ଷେତ୍ର ପୋଖରୀର ରୂପ ଦେଇ ଅର୍ଥ ଆତ୍ମସାତ୍ କରାଯାଇଛି। ଏହି ବ୍ଲକ ଅଧୀନ ପଛିକୋଟ ପଞ୍ଚାୟତ କଡ଼ମା ଗ୍ରାମରେ ୩ଟି କାଜୁ ବଗିଚା ନାଁରେ ପାଖାପାଖି ୨୦ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ଏକ ଗୋଚର ଜମିରେ ପ୍ରଥମ କାଜୁ ବଗିଚା ପାଇଁ ୧୨ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ବେଳେ ୨୩୯ ଜଣ ଜାଲ୍ ଶ୍ରମିକଙ୍କ ନାମରେ ୨୪୮୪ ଦିନର କାର୍ଯ୍ୟଦିବସ ଦର୍ଶାଇ ୩୧ ଗୋଟି ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରାଯାଇଛି। ମେଟେରିଆଲ ଏବଂ ଲେବର ପେମେଣ୍ଟ ବାବଦରେ ସମୁଦାୟ ୯.୫୧ ଲକ୍ଷ ଟଙ୍କାର ବିଲ୍ ହୋଇଛି। ସେହିପରି ଦ୍ୱିତୀୟ କାଜୁ ବଗିଚା ପାଇଁ ୮ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବାବେଳେ ୮୧ ଜଣ ଜାଲ୍ ଶ୍ରମିକଙ୍କ ନାମରେ ୯୨୪ ଦିନର କାର୍ଯ୍ୟଦିବସ ଦର୍ଶାଇ ୧୨ଟି ମିଥ୍ୟାମଷ୍ଟରରୋଲ୍ ପ୍ରସ୍ତୁତ କରି ଲେବର ପେମେଣ୍ଟ ଏବଂ ଶ୍ରମିକଙ୍କ ବାବଦରେ ୪.୭୫ ଲକ୍ଷ ଟଙ୍କା ବିଲ୍ କରାଯାଇଛି। ସମାନ ଭାବେ ତୃତୀୟ କାଜୁ ବଗିଚାରେ ପାଇଁ ୧୨ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବାବେଳେ ୧୨୪ ଜାଲ୍ ଶ୍ରମିକଙ୍କ ନାମରେ ୧୪୮୮ ଦିନର କାର୍ଯ୍ୟଦିବସ ଦର୍ଶାଇ ୧୯ଟି ମିଥ୍ୟା ମଷ୍ଟରରୋଲ୍ ପ୍ରସ୍ତୁତ କରି ୬.୩୪ ଲକ୍ଷ ଟଙ୍କାର ବିଲ୍ କରାଯାଇଛି। ଅଥଚ ଏହି ବଗିଚାଗୁଡ଼ିକ ପରିଦର୍ଶନ କଲେ ଗୋଟିଏବି କାଜୁ ଗଛ ଦେଖିବାକୁ ମିଳୁନାହିଁ।

ତିନୋଟି କାଜୁ ବଗିଚା ନାଁରେ ପାଖାପାଖି ୨୦ ଲକ୍ଷ ଟଙ୍କା ବିଲ୍ ହୋଇଥିବା ବେଳେ ବାସ୍ତବରେ ୨୦ଟି ବି କାଜୁ ଗଛ ଦେଖିବାକୁ ମିଳୁନାହିଁ। ଏନେଇ ଭିଜିଲାନ୍ସ ତଦନ୍ତ ହେଲେ ଦୁର୍ନୀତି ଧରାପଡ଼ନ୍ତା ବୋଲି ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ କେତେକ ପଞ୍ଚାୟତରେ ଖତ ଗାଡ଼ିଆ ଏବଂ ପୁରୁଣା ପରିତ୍ୟକ୍ତ ପୋଖରୀକୁ କ୍ଷେତ୍ର ପୋଖରୀର ଆଖ୍ୟା ଦେଇ ଅନେକ କୋଟି ଟଙ୍କାର ବିଲ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଶ୍ରମିକଙ୍କ ଦ୍ୱାରା ହେବାକୁ ନିର୍ଦ୍ଦେଶ ଥିବାବେଳେ ମେଶିନରେ କ୍ଷେତ୍ର ପୋଖରୀ ଖନନ କରାଯାଇ ଜବକାର୍ଡ ମାଧ୍ୟମରେ ଜାଲ୍ ଶ୍ରମିକଙ୍କ ଆକାଉଣ୍ଟକୁ ଅର୍ଥ ପୈଠକରି ସ୍ଥାନୀୟ ନେତା ଓ ଯନ୍ତ୍ରୀ ଲାଭବାନ ହେଉଛନ୍ତି। ଏନେଇ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପଟ୍ଟନାୟକଙ୍କୁ ପଚାରିବାରେ କଡ଼ମା କାଜୁ ବଗିଚା ଦୁର୍ନୀତି ବାବଦରେ ତାଙ୍କ ପାଖରେ ଅଭିଯୋଗ ହୋଇଛି। ଖୁବଶୀଘ୍ର ଏହାର ତଦନ୍ତ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭାଜପା ନେତା ଉମେଶ ଜେନା ଅସୁସ୍ଥ

ବରୀ,୨୮।୭ (ମହେନ୍ଦ୍ର ସ୍ୱାଇଁ)

ବରୀର ଭାଜପା ନେତା ଉମେଶ ଚନ୍ଦ୍ର ଜେନାଙ୍କ ମେରୁଦଣ୍ଡରେ ଯନ୍ତ୍ରଣା ହେବାରୁ ସେ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ଆଶୁତୋଷ ପରିଡ଼ା, ଯୁବ ନେତା ବିବେକାନନ୍ଦ ଜେନା ପ୍ରମୁଖ ପହଞ୍ଚି ଜେନାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଦୁର୍ଘଟଣାରେ ୨ ଯୁବକ ଗୁରୁତର

ଛତିଆ।୨୮।୭ (ସୌମ୍ୟରଞ୍ଜନ ସାହୁ)

ବଡଚଣା ବ୍ଲକ ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଛତିଆ ଭଟିଆ ଛକ ନିକଟରେ ରବିବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଧର୍ମଶାଳା ଥାନା ଅନ୍ତର୍ଗତ ଦରବାଗ ଅଞ୍ଚଳର ରଞ୍ଜିତ କୁମାର କବି, ଟୁଟୁଲା ମହାନ୍ତି ନିଜ ବାଇକରେ ଭୁବନେଶରରୁ ଗାଁକୁ ଯାଉଥିବାବେଳେ ସେମାନଙ୍କୁ ଭଟିଆ କାକର ଛକ ନିକଟରେ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ଖବର ପାଇ ଛତିଆ ବିଟ୍ ହାଉସ୍ ପୋଲିସ ପହଞ୍ଚି ଉଭୟ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ମେଡିକାଲକୁ ପଠାଇଥିଲା।

# ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ବୈଠକ, କର୍ମକର୍ତ୍ତା ଚୟନ

ଯାଜପୁର ଟାଉନ, ୨୮।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ମାସିକ ବୈଠକ ଅନୁଷ୍ଠାନର କାର୍ଯ୍ୟାଳୟ (ସପନପୁର)ଠାରେ ଅନୁଷ୍ଠାନର ଉପଦେଷ୍ଟା ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ବାଇ ଲ' ଅନୁସାରେ ସମସ୍ତ କର୍ମକର୍ତ୍ତା ନିଜ ନିଜର ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ପରେ ସାଧାରଣ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟାସଦସ୍ୟ ନୂତନ କର୍ମକର୍ତ୍ତାଙ୍କ ଚୟନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସମସ୍ତଙ୍କର ମତାମତକୁ ସମ୍ମାନ ଜଣାଇ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ସଭାପତି ଭାବେ ବୃନ୍ଦାବନ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଯେନା, ଉପସଭାପତି ଭାବେ ସୁବାସ ଚନ୍ଦ୍ର ଦେବତା, ସମ୍ପାଦକ ଭାବେ ଅଭିମନ୍ୟୁ ମିଶ୍ର, ସହସମ୍ପାଦକ ଶକୁନ୍ତଳା ବେହେରା, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସଙ୍ଗଠନ ସମ୍ପାଦକ ଗୋପାଳ ଚରଣ ବାରିକ, ସହସଙ୍ଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, କୋଷାଧ୍ୟକ୍ଷ ସୁରଜ୍ କୁମାର ପଣ୍ଡା, କୋର୍ କମିଟିର ଅଧ୍ୟକ୍ଷ ଭାବେ ସେକ୍ ଅବଦୁଲ ସାଜିଦ୍ (ଚାନ୍ଦ ବାବୁ), କୋର୍ କମିଟିର ସଦସ୍ୟ ଭାବେ ଲକ୍ଷ୍ମୀପ୍ରିୟା ରାଉତରାୟ, ସୌଭାଗ୍ୟ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଭରତ ଚନ୍ଦ୍ର ବେହେରା, ଗୌତମ ବିକାଶ ମହାନ୍ତି, ଅଶୋକ କୁମାର ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ସେଠୀ, ଗ୍ରୁପର ଆଡମିନ ଭାବେ ମୋନାଲିସା ବେହେରା ଓ ତପସ୍ୱିନୀ ମଲ୍ଲିକଙ୍କ ନାମ ଘୋଷଣା କରାଯାଇଥିଲା। ଏଥିସହ ଅନୁଷ୍ଠାନକୁ ଶୃଙ୍ଖଳିତ ରଖିବା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକ୍ରମରେ ନୂତନ ସଦସ୍ୟାସଦସ୍ୟମାନେ ଯୋଗ ଦେଇଥିଲେ। ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଦସ୍ୟ କିଶୋର କୁମାର ଦାସ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ତେଲିଗଡ଼ରେ ଝାଡ଼ାବାନ୍ତି, ସପ୍ତାହରେ ୩ ମୃତ



ସ୍ୱେଚ୍ଛାସେବୀମାନେ ତେଲିଗଡ଼ ଗାଁରେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଓଆର୍‌ଏସ୍ ପାଉଡର ବଣ୍ଟନ କରୁଛନ୍ତି।

ଚଣ୍ଡିଖୋଲ,୨୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତ ଅଧୀନ ତେଲିଗଡ଼ ଗ୍ରାମରେ ଝାଡ଼ାବାନ୍ତିରେ ଗତ ୭ ଦିନ ମଧ୍ୟରେ ୩ ଜଣଙ୍କର ମୃତ୍ୟୁ ହେଲାଣି। ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଆରମ୍ଭ ହୋଇଥିଲାବେଳେ ରବିବାର ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗାଁରେ ଘରକୁ ଘର ବୁଲି ସଚେତନ କରାଯିବା ସହ ଓଆର୍‌ଏସ୍ ପାଉଡର ବଣ୍ଟନ କରାଯାଇଛି। ଏହାସହ ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଇଛି।

### ଆରମ୍ଭ ହେଲା ସଚେତନତା

ବର୍ତ୍ତମାନ ଝାଡ଼ାବାନ୍ତି ଆକ୍ରାନ୍ତ କେତେଜଣ ଶିଶୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଲଗାଣ ବର୍ଷା ଯୋଗୁ ପାଣି ଦୂଷିତ ହୋଇ ଝାଡ଼ାବାନ୍ତି ବ୍ୟାପିଥିବା କୁହାଯାଉଛି। ତେବେ ତେଲିଗଡ଼ରେ ଆଦିବାସୀ ସମ୍ପ୍ରଦାୟର ଅଧିକ ରୁହନ୍ତି। ହାଣ୍ଡିଆ ପ୍ରସ୍ତୁତିରେ ବ୍ୟବହୃତ ପଦାର୍ଥ ମଧ ଝାଡ଼ାବାନ୍ତିର ଅନ୍ୟ କାରଣ ହୋଇପାରେ ବୋଲି କୁହାଯାଉଛି। ସ୍ଥାନୀୟ ସରପଞ୍ଚ ସାଗରିକା ବିହାରୀଙ୍କ ଅନୁରୋଧକ୍ରମେ ପ୍ରଶାସନ ପକ୍ଷରୁ ରବିବାର ଉକ୍ତ ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଛି। ଯାଜପୁର ସିଡିଏମ୍‌ଓ ତେଲିଗଡ଼ ଗ୍ରାମରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଉଦୀୟମାନ ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ, ସୁଜାତା ସାମଲ, ସୁବ୍ରତ କୁମାର ସିଂ, ତୁଷାର ବିଶ୍ୱାଳ, ଆଶୁତୋଷ ମିଶ୍ର, ବେଣୁଧର ପ୍ରଧାନ ପ୍ରମୁଖ ପହଞ୍ଚି ସେବା ଯୋଗାଇଥିବାବେଳେ ଝାଡ଼ାବାନ୍ତି ଦୂର ହେବା ଯାଏ ଗ୍ରାମରେ ସ୍ୱେଚ୍ଛାସେବୀମାନେ ରହି କାର୍ଯ୍ୟ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି।

# ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀଙ୍କ ମିଳିତ ବୈଠକ

ଯାଜପୁର ଟାଉନ, ୨୮।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁରର ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ବୈଠକ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସଂଘର ସମ୍ପାଦକ ପ୍ରବୋଧ କୁମର ନାୟକ ପରିଚାଳନା କରି ପରିବେଶ ସୁରକ୍ଷା, ଚାରାରୋପଣ, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଉପାଦେୟ ପୁସ୍ତକ ବଣ୍ଟନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ବରିଷ୍ଠ ଭବନ ବାହାରକୁ ପରିଷ୍କାର କରାଯାଇ ଚାରାରୋପଣ କରାଯାଇଥିଲା। ମାର୍କଣ୍ଡପୁର ଉଚ୍ଚ ବିଦ୍ୟାଳୟରେ ଅଗଷ୍ଟ ୧୦ରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯିବାକୁ ସ୍ଥିର କରାଯିବା ସହ ବିଦ୍ୟାଳୟର ୫ଜଣ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। ବୈଠକରେ ପୂର୍ବତନ ପୋଲିସ ପ୍ରଶାସକ ଗଦାଧର ରାଉତ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସହସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ବରିଷ୍ଠ ସଦସ୍ୟ ମଧୁସୂଦନ ମହାନ୍ତି, ବରିଷ୍ଠ ନାଗରିକ ସଂଘର ସହସମ୍ପାଦକ ବୃନ୍ଦାବନ ମିଶ୍ର, କୈଳାସ ଚନ୍ଦ୍ର ମଲ୍ଲିକ, ନିରୁପମା ମହାନ୍ତି, ନୃସିଂହ ଚରଣ ଜେନା, ବୀରେନ୍ଦ୍ର କୁମାର ପରିଡ଼ା, ଅଜିତ୍ କୁମାର ସାମନ୍ତ, ନନ୍ଦକାନ୍ତ ଦାସ, କୈଳାସ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ସେଠୀ, ଅଭିମନ୍ୟୁ ରାଉତ, ଶିଶିର କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଂଘର ଉପସଭାପତି ଉଦୟ ନାରାୟଣ ପରିଡ଼ା ଧନ୍ୟବାଦ ଦେଇଥିଲେ।



ବରିଷ୍ଠ ନାଗରିକମାନେ ବରିଷ୍ଠ ଭବନ ପରିସରକୁ ସଫା କରି ଚାରା ରୋପଣ କରୁଛନ୍ତି।

# ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ରସୁଲପୁର, ୨୮।୭ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ପୋଖରୀରୁ ରବିବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ କୃଷ୍ଣପଡ଼ା ଗ୍ରାମର ଧରଣୀଧର ବରାଳ(୭୮)। ପୋଖରୀରେ ମୃତଦେହ ଭାସୁଥିବା ଗ୍ରାମବାସୀଙ୍କଠାରୁ ଖବର ପାଇ କୁଆଖିଆ ପୋଲିସ ପହଞ୍ଚିଥିଲା। ମୃତଦେହକୁ ପୋଖରୀରୁ ବାହାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ପୋଲିସ ନଂ.୧୮/୨୦୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ ଧରଣୀ ଶନିବାର ରାତିରୁ ଘରୁ କେଉଁ ଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ଠାବ କରିବାରେ ବିଫଳ ହୋଇଥିଲେ। ପରଦିନ ସକାଳେ ଘରଠାରୁ ପ୍ରାୟ ୪ କିମି ଦୂରରେ ଥିବା ପୋଖରୀରୁ ତାଙ୍କ ମୃତଦେହ ମିଳିବା ନେଇ ସନ୍ଦେହ ସୃଷ୍ଟି ହେଉଛି।

# ବଜାର କମିଟି ପକ୍ଷରୁ ଚାରା ରୋପଣ



ଚଣ୍ଡିଖୋଲ,୨୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁରସ୍ଥିତ ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ବଜାରରେ ନୂତନ ଭାବେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ଫୁଲ ଚାରା ଲଗାଯାଇଥିଲା। ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାସ ଦାଶ, ବିଶ୍ୱନାଥ ସେଠୀ, ତପନ କୁମାର ସିଂହ, ସରୋଜ କୁମାର ସିଂହ ଓ ଅନିରୁଦ୍ଧ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ମସୁଧା

## ପରିବହନ ଠିକାଦାର ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

ଯାଜପୁର,୨୮।୭(ହର୍ଷବର୍ଦ୍ଧନ ବେହେରା)

ମଧ୍ୟାହ୍ନ ଭୋଜନ ବାବଦରେ ଯାଜପୁର ଜିଲା ଯୋଗାଣ ବିଭାଗର କଷ୍ଟମ ମିଲ୍ଡ ଚାଉଳ ରାଇସ୍ ରିସିଭିଂ ସେଣ୍ଟର (ଆର୍‌ଆର୍‌ସି)ରୁ ବିଭିନ୍ନ ସ୍କୁଲକୁ ପରିବହନ ପାଇଁ ଠିକାଦାର ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ହେଉଥିବା ଟେଣ୍ଡରକୁ କେତେଜଣ ନିର୍ଦ୍ଦିଷ୍ଟ ଠିକାଦାର ମେଣ୍ଟ କରି ହାତେଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପରିବହନ ଠିକାଦାର ନିଯୁକ୍ତି ପାଇଁ ରହିଥିବା ଗାଇଡ୍‌ଲାଇନର କ୍ରମିକ ସଂଖ୍ୟା ୩ରେ ଉଲ୍ଲେଖ ରହିଛି ଯେ, ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି (ଏସ୍‌ଟିଏ) ପକ୍ଷରୁ ଓଡ଼ିଶା ମୋଟର ଭେହିକଲ (ଓଏମ୍‌ଭି) ଲାଇସେନ୍ସ ଜରୁରୀ। ହେଲେ କେହି ଏହାକୁ ପାଳନ କରି ନ ଥିବା ସୂଚନା ମିଳିଛି। ତଥାପି ବିରୋଧୀ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କ ସମର୍ଥକଙ୍କୁ ଏହି ଠିକାଦାର ନିଯୁକ୍ତି ଦେବାକୁ ଯୋଜନା ହେଉଥିବା ଚର୍ଚ୍ଚା ହେଉଛି। ଏଥିରେ ଜିଲା ଶିକ୍ଷା ବିଭାଗର ଜଣେ କର୍ମଚାରୀଙ୍କ ଜରିଆରେ ଲକ୍ଷାଧିକ ଟଙ୍କାର ଦେଣନେଣ ହେଉଥିବା ମଧ ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ ଯାଜପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ଗତ ୨ ତାରିଖରେ ଟେଣ୍ଡର ପକାଇବାର ଶେଷ ଦିବସ ଧାର୍ଯ୍ୟ ହୋଇଥିଲା। ୩ ତାରିଖ ଅପରାହ୍ନରେ ଟେଣ୍ଡର ଖୋଲାଯାଇଥିଲା। ଟେଣ୍ଡରରେ ଭାଗ ନେବା ପାଇଁ ପ୍ରଶାସନ ପକ୍ଷରୁ ୧୮ଟି ନିୟମ ଓ ସର୍ତ୍ତାବଳୀ ରଖାଯାଇଥିଲା। ଏହିକ୍ରମରେ ସମଗ୍ର ଜିଲାରୁ ମାତ୍ର ୩ ଜଣ ଭାଗ ନେଇଥିଲେ। ତେବେ ଏସ୍‌ଟିଏ ଲାଇସେନ୍ସଧାରୀ ଠିକାଦାରମାନେ ଜିଲାର ବିଭିନ୍ନ ଖଣି କମ୍ପାନୀରେ ନିୟୋଜିତ ଥିବାରୁ ଏହି ପରିବହନ ଠିକାଦାର ପ୍ରକ୍ରିୟାରେ ଭାଗ ନେଇ ନ ଥିଲେ। ଫଳରେ ନାମକୁ ମାତ୍ର ୩ ଜଣ ଏଥିପାଇଁ ଟେଣ୍ଡର ପକାଇଥିଲେ। ସେଥିରୁ ୨ ଜଣ ଡମି ନିଲାମ ଡକାଳି(ବିଡର) ଟେଣ୍ଡର ପକାଇଥିବାରୁ ସେହି ପ୍ରଭାବଶାଳୀ ଠିକାଦାର ନିଯୁକ୍ତି ପାଇବା ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି।

ସରକାରୀ ଅଧିକାରୀଙ୍କ ସହିତ ସଲାସୁତୁରା କରି କେତେଜଣ ପରିବହନ ଠିକାଦାର ବର୍ଷ ବର୍ଷ ଧରି ଅଭିନବ ଉପାୟରେ ଟେଣ୍ଡର ହାତେଇ ଆସୁଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ସେଥିମଧ୍ୟରୁ କେତେଜଣ ଠିକାଦାର ଚାଉଳ ହଡପ କରି ଧରାପଡିଥିବା ନଜିର ରହିଛି। ଜିଲାର ବଡଚଣାସ୍ଥିତ ଧାନମଣ୍ଡଳ, ଯାଜପୁର ରୋଡ୍ ଏବଂ ପାଣିକୋଇଲି ଆର୍‌ଆର୍‌ସିରୁ ଚାଉଳ, ଗହମ ଆଦି ପରିବହନ କରି ଖୁଚୁରା କେନ୍ଦ୍ର, ଅଙ୍ଗନୱାଡି ଏବଂ ସ୍କୁଲଗୁଡିକୁ ପହଞ୍ଚାଇବାକୁ ପରିବହନ ଠିକାଦାର ଲେଭଲ-୨ ନିଯୁକ୍ତି ଦିଆଯାଇଥାଏ। କେତେଜଣ ଠିକାଦାର ପରିବହନ ସମୟରେ ବସ୍ତା ପ୍ରତି ୧୦ରୁ ୧୫ କେଜି ଚାଉଳ କାଢ଼ି ନେଇଥାନ୍ତି। ସେହି ଚାଉଳକୁ ପୁଣି ରିସାଇକ୍ଲିଂ କରି ବାହାରେ ବିକ୍ରି କରିଥାନ୍ତି। ଏହି ପ୍ରକ୍ରିୟାରେ ଯୋଗାଣ ବିଭାଗର କେତେଜଣ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ ମଧ ରହିଥାଏ। ଏଥିପାଇଁ ପରିବହନ ଠିକାଦାର ନିଯୁକ୍ତିରେ ସୁପାରିସ ଏବଂ ସଲାସୁତୁରା ହୋଇଆସୁଛି।

ମିଳିଥିବା ସୂଚନା ଅନୁଯାୟୀ, କୁଇଣ୍ଟାଲ ପିଛା ୪୮.୮୫ ଟଙ୍କାରେ ପରିବହନ ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି। ହେଲେ କେତେ ଜଣ ଡମି ବିଡରଙ୍କୁ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ କରି ଧାର୍ଯ୍ୟ ଦରଠାରୁ ପ୍ରାୟ ୫୦% ପର୍ଯ୍ୟନ୍ତ କମ୍ ଦରରେ ଟେଣ୍ଡର ଦାଖଲ କରିଥାନ୍ତି। ଅପରପକ୍ଷରେ ବିପୁଳ ପରିମାଣର ଚାଉଳ ହଡ଼ପ କରି ସମ୍ପୃକ୍ତ ଠିକାଦାର ମାଲାମାଲ ହୋଇଥାନ୍ତି ବୋଲି ମତପ୍ରକାଶ ପାଇଛି। ଏହି ଦୁର୍ନୀତିରେ ବହୁ ପ୍ରଭାବଶାଳୀଙ୍କ ସହଯୋଗ ମିଳିଆସୁଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଟେଣ୍ଡରରେ ଭାଗ ନେଇଥିବା ଭେଣ୍ଡରମାନେ ଏସ୍‌ଟିଏଙ୍କ ବଦଳରେ କେବଳ ଯାଜପୁର ଆର୍‌ଟିଓଙ୍କଠାରୁ ଟ୍ରାନ୍ସପୋର୍ଟ ଲାଇସେନ୍ସ ପାଇଛନ୍ତି। ତେଣୁ ଟେଣ୍ଡର କାହିଁକି ବାତିଲ କରା ନ ଗଲା ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏହି ଟେଣ୍ଡର କମିଟିରେ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଯାଜପୁର ଆର୍‌ଟିଓ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଯୋଗାଣ ଅଧିକାରୀ ପ୍ରମୁଖ ସଦସ୍ୟ ଅଛନ୍ତି। କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟାର ନିୟମ ଓ ସର୍ତ୍ତାବଳୀରେ ଥିବା ୩ ନମ୍ବର ସର୍ତ୍ତକୁ ଅଣଦେଖା କରାଯାଇଥିବା ସମ୍ପର୍କରେ କାହିଁକି କେହି ହେଲେ ସଦସ୍ୟ ପ୍ରତିବାଦ କରିନାହାନ୍ତି ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ଏହି ଟେଣ୍ଡର ପ୍ରକ୍ରିୟାରେ ଉଦ୍ଦେଶ୍ୟମୂଳକ ତ୍ରୁଟି ବିରୋଧରେ ଅନ୍ୟ ଆଶାୟୀ ଠିକାଦାରମାନେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କୁ ପଚାରିବାରୁ ସେ କହିଛନ୍ତି, ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହେଉନାହିଁ। କମିଟିର ସଦସ୍ୟମାନଙ୍କ ସହମତିରେ ଟେଣ୍ଡର ଖୋଲାଯାଇଛି।

# ଗଳଧାରୀ-ଏରଡ଼ା ନଦୀବନ୍ଧରେ ପୁଣି ବାଲି ଚୋରା ଚାଲାଣ

ଜଗତ୍‌ସିଂହପୁର, ୨୮।୭
(ପ୍ରମୋଦ କୁମାର ନାୟକ)


ଗଳଧାରୀ ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି।

**ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତ**
- କିଛିଦିନ ପୂର୍ବରୁ ଭାରିଯାନ ଚଳାଚଳ ବନ୍ଦ କରିଥିଲେ ଗ୍ରାମବାସୀ
- ଶନିବାର ବିଧାୟକ ଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ
- ସମ୍ଭାବ୍ୟ ବନ୍ୟାରେ ନଦୀବନ୍ଧ ଭାଙ୍ଗିବା ଆଶଙ୍କା

ଜଗତ୍‌ସିଂହପୁର ଜିଲାରେ ବାଲି ଚୋରାଚାଲାଣକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଏ ସମ୍ପର୍କରେ ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତ ଅନ୍ତର୍ଗତ ଏରଡ଼ା ଗ୍ରାମର ଲୋକେ ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ (ଏଡିଏମ୍) ସମ୍ବିତ ରାଉତ, ଏସ୍‌ପି ରାହୁଲ ପିଆର୍ ଓ ଜିଲା ଖଣି ଅଧିକାରୀ ସତୀଶ ତରେଇଙ୍କୁ ସାକ୍ଷାତ କରି ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ଷାଧିକ କାଳ ହେବ ସେମାନଙ୍କ ଗ୍ରାମକୁ ଯାତାୟାତ ପାଇଁ ଥିବା ପହଙ୍ଗା-ଏରଡ଼ା-ଗଳଧାରୀ ମୁଖ୍ୟ ଦେବୀ ନଦୀବନ୍ଧ ରାସ୍ତାରେ ପ୍ରତ୍ୟହ ୫୦୦ରୁ ଅଧିକ ହାଇୱା, ଟ୍ରକ ଓ ଟ୍ରାକ୍ଟରରେ ବାଲି ଚୋରାଚାଲାଣ ଯୋଗୁ ଗମନାଗମନ ଗୁରୁତର ଭାବେ ପ୍ରଭାବିତ ହୋଇଥିବା କହିଥିଲେ। ସୌଭାଗ୍ୟ ପୋଲିସ ପକ୍ଷରୁ ତତ୍କାଳ ଚଢ଼ାଉ କରାଯାଇଥିଲା। ଏପରି କି ଖଣି ବିଭାଗ ପକ୍ଷରୁ ଏରଡ଼ା ନିକଟରେ ନଦୀ ଭିତରୁ ବନ୍ଧକୁ ସଂଯୋଗ କରୁଥିବା ରାସ୍ତା ଖୋଲି ବେଆଇନ ଘାଟ ଅଚଳ କରିଦିଆଯାଇଥିଲା। କିନ୍ତୁ ନିକଟସ୍ଥ ଗଳଧାରୀ ବାଲିଘାଟରୁ ବେଆଇନ ଭାବେ ଦିନ ଦ୍ୱିପ୍ରହରରେ ବାଲି ଚୋରାଚାଲାଣ ହେଉଥିଲେ ସୁଦ୍ଧା ତା'ଉପରେ କୌଣସି ଅଙ୍କୁଶ ଲଗାଯାଇନାହିଁ। ଏଥିଯୋଗୁ ଆଗକୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ବନ୍ଧ ଭାଙ୍ଗି ଅନେକ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଏ ପରିସ୍ଥିତିରେ ଲୋକେ ଚିନ୍ତିତ ଥିବା କହିଛନ୍ତି।

ଗଳଧାରୀ ଓ ଏରଡ଼ା ଗ୍ରାମର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ନାଉଗାଁ ବ୍ଲକର ଏକମାତ୍ର ଗଳଧାରୀ ପଞ୍ଚାୟତ ଦେବୀନଦୀର ଅପରପାର୍ଶ୍ୱରେ ରହିଛି। ଏହି ପଞ୍ଚାୟତବାସୀଙ୍କ ସବୁଦିନିଆ ବଜାର ହେଉଛି ପହଙ୍ଗା। ତେଣୁ ଲୋକେ ଗଳଧାରୀ-ଏରଡ଼ା ନଦୀବନ୍ଧ ରାସ୍ତା ଦେଇ ପହଙ୍ଗା ଯାତାୟାତ କରନ୍ତି। କିନ୍ତୁ ପହଙ୍ଗାରୁ ଗଳଧାରୀ ନଦୀବନ୍ଧ ରାସ୍ତା ବାଲିଘାଟ ଯୋଗୁ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ରାସ୍ତାରେ ୪ ଚକିଆ ତ ଦୂରର କଥା ସାଇକେଲରେ ଯିବା କଷ୍ଟକର ହୋଇପଡିଛି। ଆଣ୍ଠୁଏ ଲେଖାଏଁ ଖାଲ ସାଙ୍ଗକୁ ବର୍ଷାପାଣି ଭରି ଯାଇଥିବାରୁ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ରାତିରେ ଏହି ରାସ୍ତାରେ ଯାତାୟାତ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ସ୍କୁଲ, କଲେଜ ପିଲା ଶିକ୍ଷାନୁଷ୍ଠାନ ଯାତୟାତ କରିପାରୁନାହାନ୍ତି। ଆମ୍ବୁଲାନ୍ସ କି ବସ୍ ସେବା ମିଳିପାରୁନାହିଁ। ପରିସ୍ଥିତି ଗମ୍ଭୀର ହେବାରୁ ଏରଡ଼ା ଗ୍ରାମର ଲୋକେ ମିଳିତ ହୋଇ ବେଆଇନ ବାଲି ଚାଲାଣ ପାଇଁ ସୁଯୋଗ ଦେଇ ନ ଥିଲେ। ହାଇୱାଗୁଡିକୁ ବନ୍ଧ ଉପରୁ ଫେରାଇ ଦେଉଥିଲେ। ଏଥିସହ ଗତ ୨୫ ତାରିଖରେ ଗଳଧାରୀ ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ନାୟକଙ୍କ ନେତୃତ୍ୱରେ ଏରଡ଼ା ଗ୍ରାମର ଅନେକ ଲୋକ ଜିଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ରାସ୍ତାର ଦୁରବସ୍ଥା ଓ ବାଲି ମାଫିଆଙ୍କ ଦୌରାତ୍ମ୍ୟକୁ ନେଇ ଚିନ୍ତିତ ଥିବା ସ୍ପଷ୍ଟ କରିଥିଲେ। ଏହାର କୌଣସି ପ୍ରତିକାର କରା ନ ଗଲେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ। ଆଗକୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଥିଲେ। ଏହାପରେ ପୋଲିସ ଓ ଖଣି ଅଧିକାରୀ ବେଆଇନ ବାଲିଘାଟକୁ ବନ୍ଦ କରିଛନ୍ତି। ଗଳଧାରୀସ୍ଥିତ ଲାଇସେନ୍ସପ୍ରାପ୍ତ ବାଲିଘାଟରୁ ମଧ ବାଲି ଚୋରାଚାଲାଣ ପାଖାପାଖି ୭ ଦିନ ହେବ ବନ୍ଦ ଥିଲା। କିନ୍ତୁ ପୁଣି ବାଲି ଚୋରାଚାଲାଣ ହେବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏହି ନଦୀବନ୍ଧରେ ପ୍ରତ୍ୟହ ଶତାଧିକ ଟ୍ରିପ ବାଲି ବିନା ୱାଇ ଫର୍ମରେ ବିକ୍ରି ହେଉଛି। ନଦୀପଠାକୁ ତାଡି ଦିଆଯାଉଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ନଦୀବନ୍ଧ ଦୁର୍ବଳ ହୋଇଯାଇଥିବାରୁ ବନ୍ଧ ଭାଙ୍ଗି ବ୍ୟାପକ ଧନ, ଜୀବନ ହାନି ହେବାର ଆଶଙ୍କା ପ୍ରକାଶ ପାଇଥିବା ଅନେକେ ଅଭିଯୋଗରେ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ବିଧାୟକ ଅମରେନ୍ଦ୍ର ଦାସ ନଦୀବନ୍ଧ ସ୍ଥିତି ଅନୁଧ୍ୟାନ ପାଇଁ ଏରଡ଼ା ଯାଇଥିଲେ। ଏବେ ତତ୍କାଳ କାମଚଳା ମରାମତି ଓ ବର୍ଷାଦିନ ପରେ ସ୍ଥାୟୀ କାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

**ଝିଅର ମୃତ୍ୟୁକୁ ୧୦ଦିନ ବିତିଲା**

ରାଜକନିକା,୨୮।୭(ସଞ୍ଜୟ କୁମାର ଦାଶ)

ଝିଅର ମୃତ୍ୟୁ ପରେ ନ୍ୟାୟ ପାଇଁ ରାଜକନିକା ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ପରିବାର ଲୋକେ। ଥାନାରେ ଲିଖିତ ଅଭିଯୋଗ କରିବାରେ ୧୦ଦିନ ପରେ ବି ପୋଲିସ ମାମଲା ରୁଜୁ କରି ଚୁପ୍ ବସିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପରିବାର ପକ୍ଷରୁ ଆସନ୍ତା ସୋମବାର ଥାନା ସମ୍ମୁଖରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ, ରାଜକନିକା ଥାନା ଅଞ୍ଚଳର ଏକ ଗାଁରେ ଜଣେ ୧୭ବର୍ଷିୟା ଝିଅକୁ ସେହି ଗାଁର ଜଣେ ପୁଅ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା, ଜୋରଜବରଦସ୍ତ ବାହା ହେବାକୁ ଧମକ ଦେବା, ଝିଅ କଲେଜ ଯିବା ବାଟରେ ହଇରାଣ ହରକତ କରୁଥିଲେ। କଥାରେ ରାଜି ନ ହେଲେ ତୋ ମା'କୁ ହାଣି ମାରି ଦେବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖି ପଛରେ ଝିଅ କାନ୍ଦିବାରୁ ତାଙ୍କୁ ମୂଷା ଔଷଧ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଭଳି ଅଭିଯୋଗ ଆଣି ଗତ ୧୯ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଝିଅଙ୍କ ମା'। ହେଲେ ଆଜକୁ ୧୦ଦିନ ହେବ ଅଭିଯୋଗ କରାଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ଝିଅଙ୍କ ମା' କହିଛନ୍ତି। ତୁରନ୍ତ ଯୁବକଙ୍କୁ ଗିରଫ କରା ନ ଗଲେ, ପରିବାର ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ରାଜକନିକା ଆଇଆଇସି ଦିଲୀପ୍ କୁମାର ଧଳଙ୍କୁ ପଚାରିବାରେ ନଂ. ୩୩୧/୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ତଥ୍ୟ ପ୍ରମାଣ ଆଧାରରେ ପୋଲିସ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅଭିଯୁକ୍ତ ନିଶ୍ଚୟ ଦଣ୍ଡ ପାଇବ ବୋଲି ସେ କହିଛନ୍ତି।

# ଚାରାରୋପଣ କାର୍ଯ୍ୟକ୍ରମ



ଜଗତ୍‌ସିଂହପୁର, ୨୮।୭ (ପ୍ରମୋଦ କୁମାର ନାୟକ)

ଜାତୀୟ ବୃକ୍ଷ ଦିବସ ଓ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଉପଲକ୍ଷେ ଜଗତ୍‌ସିଂହପୁରସ୍ଥିତ ଆଲିଆନ୍ସ ଅଫ ଆକ୍ଟିଭିଷ୍ଟ 'ଆ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଅନୁଷ୍ଠାନର ସଭ୍ୟମାନେ ସ୍ଥାନୀୟ ତାରାଦେଇ ମନ୍ଦିର ନିକଟରୁ ହାଟ ବଜାରସ୍ଥିତ ଅନୁକୂଳଚନ୍ଦ୍ର ଆଶ୍ରମ ମଧ୍ୟରେ ମାଛଗାଁ କେନାଲର ୨ ପାର୍ଶ୍ୱରେ ବର, ଓସ୍ତ, ଆମ୍ବ, ଲିମ୍ବ, ପଣସ ଓ ବଉଳ ଆଦି ଚାରା ଲଗାଇଥିଲେ। ସହରରେ ସବୁଜ ବଳୟ ସୃଷ୍ଟି ପାଇଁ 'ଆ'ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତପନ କୁମାର ମଲ୍ଲିକ, ଆଇନଜୀବୀ ସାରଦା ପ୍ରସାଦ ଦାସ, ରଞ୍ଜନ କୁମାର ମହାପାତ୍ର, ବାହୁବଳେନ୍ଦ୍ର ମଲ୍ଲିକ, ମାନସ କୁମାର ସ୍ୱାଇଁ, ରଣଜିତ କୁମାର ସ୍ୱାଇଁ, ସତ୍ୟେଶ ଦାସ, ଆଶୁତୋଷ ପଶାୟତ, ଜ୍ୟୋତିରଞ୍ଜନ ଜେନା, ଅଶୋକ କୁମାର ରାୟ, ବିଭୁ ପ୍ରସାଦ ରାୟ, ମଧୁସ୍ମିତା ମହାନ୍ତି, ଇନ୍ଦିରା ମିଶ୍ର ଓ ପିନାକୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଚାରାଗୁଡିକ କିପରି ବଞ୍ଚି ରହିପାରିବ ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ ଶପଥ ନେଇଥିଲେ।

# ଶତାୟୁ ଶିକ୍ଷକଙ୍କ ପରଲୋକ

ରାଜକନିକା,୨୮।୭(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ଓଡିଗିରିଆ ଗାଁର ଶତାୟୁ ଶିକ୍ଷକ ରାଜକିଶୋର ନାୟକ (୧୦୧)ଙ୍କ ପରଲୋକ ହୋଇଯାଇଛି। ସେ



ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ନିଜ ଗାଁ ବାସଭବନରେ ରାଜକିଶୋର ନାୟକ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ଛାତ୍ରବତ୍ସଳ ସହ ବହୁ ମେଧାବୀ ଛାତ୍ର, ରାଜନେତା, ପ୍ରଶାସକ, ଶିକ୍ଷକ ଓ ଅଧ୍ୟାପକ ସୃଷ୍ଟି କରିଥିଲେ। ଅବସର ପରେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥାଇ ଲୋକାଭିମୁଖୀ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଚାକିରି କାଳରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଅବିଭକ୍ତ କଟକ ଜିଲା ଦାୟିତ୍ୱ ତୁଲାଇ ଶିକ୍ଷକଙ୍କ ସ୍ୱାର୍ଥ ପାଇଁ ଶିକ୍ଷକ ଆନ୍ଦୋଳନରେ ଭାଗ ନେଇ ହକ୍ ପାଇଁ ଲଢେଇ କରିଥିଲେ। ରାଜ ସାର୍‌ଙ୍କ ବିୟୋଗରେ ଡା. ଦେବସ୍ମିତା ଶର୍ମା, ପୂର୍ବତନ ଶିକ୍ଷକ ନେତା କାଳିପ୍ରସାଦ ନାୟକ, ପୂର୍ବତନ ଓଷ୍ଟା ରାଜକନିକା ସମ୍ପାଦକ ନବ କିଶୋର ସୂତାର, ଗୋପୀନାଥ ବିଶ୍ୱାଳ, ସାମାଜିକ କର୍ମୀ ରଞ୍ଜନ କୁମାର ସେଠୀ, ନୃସିଂହ ତରାଇ, କୃଷକ ନେତା ଦାମୋଦର ଧଳ, ଧନେଶ୍ୱର ରାଉତ, ଓଷ୍ଟା ରାଜକନିକା ସମ୍ପାଦକ ଅରବିନ୍ଦ ନାୟକ, ସଭାପତି ସଞ୍ଜୟ ସାମଲ, ସଭ୍ୟ ମଦନମୋହନ ଦାସ, ଗୋବିନ୍ଦ ନାୟକ ଓ ଶୁକଦେବ ପ୍ରଧାନ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ତିଲୋତ୍ତମା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀନାତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ, ମଝିଆ ପୁଅ ଅଜୟ ମୁଖାଗ୍ନି ଦେଇଥିଲେ।

# ଦାବି ନ ମାନିଲେ ଜିଲାରେ ଯାତ୍ରା ପରିବେଷଣ ବନ୍ଦ ହେବ



**ଆଳିରେ ଜିଲାସ୍ତରୀୟ ଯାତ୍ରା କମିଟି ବୈଠକ**

ଆଳି,୨୮।୭ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲାକୁ ଆସି ଯାତ୍ରା ପରିବେଷଣ କରୁଥିବା ଯାତ୍ରା ଦଳଗୁଡ଼ିକ ଯାତ୍ରା କମିଟିର ଦାବିଗୁଡ଼ିକ ଗ୍ରହଣ ନ କଲେ ଆଗାମୀ ଦିନରେ ଜିଲାରେ ଯାତ୍ରା ପରିବେଷଣ ହୋଇପାରିବ ନାହିଁ ବୋଲି ଆଳିଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରବିବାର ପୂର୍ବାହ୍ନରେ ଆଳି ଦେମାଳସ୍ଥିତ ବହୁମୁଖୀ ଆଶ୍ରୟସ୍ଥଳରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ୧୧ଟି ଦାବି ବିଷୟରେ ଆଲୋଚନା ହୋଇଥିଲା। ଯାତ୍ରା ପାର୍ଟିଗୁଡ଼ିକର ବର୍ଗୀକରଣ କରାଯାଇ ଯାତ୍ରା ମାଲିକମାନେ ତାଲିକା ପ୍ରସ୍ତୁତ କରିବା, ଏହି ସମୟରେ ମାଲିକ ଓ ଜିଲା ଯାତ୍ରା କମିଟି ମଧ୍ୟରେ ସମନ୍ୱୟ ବୈଠକ କରାଯିବା, ଯାତ୍ରା ପାର୍ଟିଗୁଡ଼ିକର ଦୈନିକ ପରିଶ୍ରମର ଦେୟ ଯାତ୍ରା ପାର୍ଟି ଓ ଜିଲା ଯାତ୍ରା କମିଟି ଦ୍ୱାରା ସ୍ଥିର ହେବା, ସମନ୍ୱୟ କମିଟି ଦ୍ୱାରା ସ୍ଥିରୀକୃତ ପାରିଶ୍ରମିକକୁ ସାର୍ବଜନୀନ କରାଯିବା ଓ ସେଥିରେ ବିଚ୍ୟୁତ ହେଲେ ତାହାକୁ ଅପରାଧ ଭାବେ ନିଆଯିବା, ଯାତ୍ରା ପାର୍ଟି ବୁକିଂ ରାଶି ୩୦ ହଜାର ମଧ୍ୟରେ ସୀମିତ ରଖାଯିବା, ଅପେରା ପରିବେଷଣରେ ୨ଦିନ ଯାତ୍ରା ପରେ ସେହିଦିନଗୁଡ଼ିକର ପାରିଶ୍ରମିକ ଯାତ୍ରା ମାଲିକ ନିଅନ୍ତୁ, ଶେଷ ଦିନର ଦେୟ ସେହିଦିନ ରାତି ୧୦ ସୁଦ୍ଧା ଯାତ୍ରା ପାର୍ଟି ମାଲିକମାନେ ନିଅନ୍ତୁ, ଯାତ୍ରା ସମୟର ପ୍ରାକୃତିକ ବିପର୍ଯ୍ୟୟର କ୍ଷତି ଉଭୟ ଯାତ୍ରା ପାର୍ଟି ମାଲିକ ଓ ଅନୁଷ୍ଠାନର କର୍ମକର୍ତ୍ତା ସହିବାକୁ ବ୍ୟବସ୍ଥା ହେଉ, ଯାତ୍ରା ପରିବେଷଣ ପୂର୍ବରୁ ଯାତ୍ରା ପାର୍ଟି ମାଲିକ ଓ ଅନୁଷ୍ଠାନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେଉ କିନ୍ତୁ ବ୍ଲାଙ୍କ ଚେକ୍ ନିଆ ନ ଯାଉ, ଗ୍ରାମାଞ୍ଚଳରେ ଯାତ୍ରାବେଳେ ସେଠାରେ ମିଳୁଥିବା ଘରେ କଳାକାରମାନେ ରୁହନ୍ତୁ, ଯାତ୍ରା ସମୟରେ ଗାଡ଼ି ପ୍ରଚାର ପାଇଁ ତେଲ, ଦୈନିକ ଜେନେରେଟର ତେଲ ଓ ରୋଷେଇ ପାଇଁ କାଠ ବନ୍ଦୋବସ୍ତ ଯାତ୍ରା ପାର୍ଟି ମାଲିକମାନେ ବ୍ୟବସ୍ଥା କରନ୍ତୁ। ଯାତ୍ରା କରୁଥିବା ଅନୁଷ୍ଠାନକୁ ବାଧ ନ କରନ୍ତୁ। ଆଳି ବ୍ଲକ ଯାତ୍ରା କମିଟି ମହାସଂଘର ସଭାପତି ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ୧୧ଟି ଦାବି ବିଷୟରେ ଆଲୋଚନା କରିବା ସହ ଏଗୁଡ଼ିକ ଯାତ୍ରା ମାଲିକମାନଙ୍କ ପାଖକୁ ରେଜିଷ୍ଟ୍ରି ଯୋଗେ ପଠାଯାଇଛି ବୋଲି ସମ୍ପାଦକ ବୈକୁଣ୍ଠ ନାଥ ପରିଡା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯାତ୍ରା କମିଟିର ସଭାପତି ମିହିର ସାମଲ, ବୀରେନ୍ଦ୍ର ପଣ୍ଡା, ଜିଲା ଉପଦେଷ୍ଟା ଶ୍ରୀନିବାସ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଆଳି ବ୍ଲକରେ ଥିବା ୧୮ଟି ଯାତ୍ରା କମିଟି ମଧ୍ୟରୁ ମା' ବାସନ୍ତୀ ଦୁର୍ଗାପୂଜା କମିଟି, ମା' ଗଜଲକ୍ଷ୍ମୀ କମିଟି, ମା' ପନ୍ଦରଶିଳା ଯାତ୍ରା କମିଟି, ହରଗୌରୀ ଯାତ୍ରା କମିଟି, ମା' ବୁଢ଼ୀ ବାସୁଳେଇ ଯାତ୍ରା କମିଟି, ସାହାଡ଼ା ସୁନ୍ଦରୀ ଯାତ୍ରା କମିଟି, ବାବା ଅନାଦି ଗୋସ୍ୱାମୀ ଯାତ୍ରା କମିଟି, ବାବା ସ୍ୱପ୍ନେଶ୍ୱର ଯାତ୍ରା କମିଟି, ରାମକୃଷ୍ଣ ଯାତ୍ରା କମିଟି, ମହୁ ବାସନ୍ତୀ ଦୁର୍ଗା କମିଟି, ଭୂଇଁପୁର ଯାତ୍ରା କମିଟି, ଲକ୍ଷ୍ମୀ ନାରାୟଣ କମିଟିରୁ ପ୍ରାୟ ୩୨ ଜଣ ଯୋଗଦେଇଥିଲେ।

# ବେସାହାରା ୨ଭାଇଙ୍କୁ କେସିସିଏଲ୍‌ର ସହାୟତା



ମାର୍ଶାଘାଇ, ୨୮।୭
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗାଁ ମା' ବାପାଙ୍କୁ ହରାଇ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଥିବା ୨ ଭାଇ ଆଶିଷ ଓ ଦେବାଶିଷଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି (କେସିସିଏଲ)ପକ୍ଷରୁ ରବିବାର ସହାୟତା ପ୍ରଦାନ କରାଯାଇଛି। ୨ଭାଇଙ୍କ ମା'ଙ୍କ ଏକାଦଶାହରେ କେସିସିଏଲ୍ ସଭାପତି ପ୍ରମୋଦ ସାହୁ ନରେନ୍ଦ୍ରପୁର ବାସଭବନ ପହଞ୍ଚି ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। କେସିସିଏଲ୍ ପକ୍ଷରୁ ଅନୁରାଗ ପ୍ରଧାନ, ଦୀପକ ସାହୁ ଓ ଦୈନିକ ଜମାକାରୀ ଅନନ୍ତ ଦାସଙ୍କ ସମେତ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।

# ମଦନପୁର ମହାବୀର ହାଇସ୍କୁଲରେ ଚକ୍ଷୁ ଚିକିତ୍ସା ଶିବିର


ଶିବିରରେ ଡାକ୍ତରମାନେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରୁଛନ୍ତି।

ପଟ୍ଟାମୁଣ୍ଡାଇ,୨୮।୭ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ପଞ୍ଚାୟତ ମଦନପୁର ମହାବୀର ହାଇସ୍କୁଲଠାରେ ୧୯୭୯ ବ୍ୟାଚ ପୁରାତନ ଛାତ୍ର ଓ ଭୁବନେଶ୍ୱର ନାରାୟଣୀ ଆଇ ହସ୍ପିଟାଲର ସହଯୋଗରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁରୋଗ ବିଶେଷଜ୍ଞ ଡା. ରାଜେନ୍ଦ୍ର କୁମାର ଦାସ ଶିବିରରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଲୋକ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରେ ୮୦ ପ୍ରତିଶତ ବରିଷ୍ଠ ନାଗରିକ ଥିଲେ। ଏହା ବ୍ୟତୀତ ଚକ୍ଷୁ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର ନାରାୟଣୀ ଆଇ ହସ୍ପିଟାଲର ସହାୟତା ନିଆଯାଇଥିବା ସୂଚନା ମିଳିଛି। ଏହାକୁ ୧୯୭୯ ବ୍ୟାଚ ପୁରାତନ ଛାତ୍ର ଅଜିତ ବେହେରା, ଆଦିକନ୍ଦ କୁଣ୍ଡ, ପ୍ରଧାନ ଶିକ୍ଷକ ବିଜୟ ବେହେରାଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରୋଗୀ ଚିକିତ୍ସା ଶିବିର

କୁଜଙ୍ଗ, ୨୮।୭ (ମନୋଜ ପ୍ରଧାନ)

ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁ ସ୍ଥିତ ସିଦ୍ଧ ଗୁମ୍ଫା ଆଶ୍ରମ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ଏକ ମୁକ୍ତ ରୋଗୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରୋଗୀ ଚିକିତ୍ସା ଶିବିରରେ ନୂଆଗାଁ ଓ ଆଖ ପାଖ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଆକ୍ୟୁଥେରାପିଷ୍ଟ ନିତ୍ୟାନନ୍ଦ ଦାସ ସେମାନଙ୍କୁ ନିଃଶୁଳ୍କ ସେବା ସେବା ଯୋଗାଇ ଦେଇଥିଲେ। ଏଥିସହ ସୁସ୍ଥ ଜୀବନ ଯାପନ ପାଇଁ ରୋଗୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ମୁକ୍ତ ସେବା ଶିବିର କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ କାମଦେବ ସ୍ୱାଇଁ, ଭ୍ରମରବର ବେହେରା, ବିଜୟା ନନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ତାଳସଙ୍ଗା-ନୂଆପଡ଼ା ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା

ମାର୍ଶାଘାଇ,୨୮।୭
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )



୫୩ ନମ୍ବର ଜାତୀୟ ରାଜପଥର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହଳଦିଆଗଡାଠାରୁ ପାଟକୁରା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ତାଳସଙ୍ଗା ଛକଠାରୁ ନୂଆପଡ଼ା ବଜାର ପର୍ଯ୍ୟନ୍ତ ମରଣଯନ୍ତା ପାଲଟିଛି। ଏହି ରାସ୍ତାକୁ ପାଟକୁରାର ପ୍ରବେଶ ଦ୍ୱାର କୁହାଯାଇଥାଏ। ଏବେ ଏହି ରାସ୍ତାର ଦୋହରୀକରଣ କାର୍ଯ୍ୟ ବର୍ଷା ଋତୁ ପାଇଁ ବନ୍ଦ ରହିଛି। ହଳଦିଆ ଗଡାଠାରୁ ଠିକା ସଂସ୍ଥା ପକ୍ଷରୁ କାମ ସରି ଯାଇଥିବା ବେଳେ ତାଳସଙ୍ଗା ଛକଠାରୁ ନୂଆପଡ଼ା ବଜାର ପର୍ଯ୍ୟନ୍ତ ରାସ୍ତାକୁ ଚଉଡ଼ା କରିବା ପାଇଁ କାଟି ଦିଆଯାଇଛି। ମାତ୍ର ସେଥିରେ କ୍ରଶର ଗୁଣ୍ଡ କିମ୍ବା ବାଲି ଭର୍ତ୍ତି କରାଯାଇନାହିଁ। ପୁରୁଣା ପିଚୁକୁ ସମ୍ପୂର୍ଣ୍ଣ ତାଡି ଦିଆଯାଇ ନୂଆ ପିଚୁ କରାଯିବାର ନିୟମ ରହିଥିବା ବେଳେ ଠିକାଦାରଙ୍କ ଅବହେଳାରୁ ଏହା ସମ୍ଭବ ହୋଇପାରିନାହିଁ। ଫଳରେ ପୁରୁଣା ରାସ୍ତାରେ ଅସଂଖ୍ୟ ଖାଲଖମା ହୋଇ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ପ୍ରତିଦିନ ଲୋକମାନେ ପାଟକୁରା ମେଡିକାଲ ଗରଦପୁର, ଶାରଳା, ଗୋରେଖନାଥଙ୍କ ମନ୍ଦିର, ଅନ୍ତେଇ କଲେଜ ତଥା ନୂଆପଡ଼ା ବଜାରକୁ ଯାତାୟାତ କରିଥାନ୍ତି। ବର୍ଷାରେ ରାସ୍ତାର ଖାଲଖମାରେ ପାଣି ଜମି ରହିବାରୁ ଛୋଟମୋଟ ଦୁର୍ଘଟଣା ହେଉଛି। ଅବସ୍ଥା ଏମିତି ହୋଇଛି ଯେ, ଏହି ୨ କିମି ରାସ୍ତାରେ ଗୋଟିଏ ୪ ଚକିଆ ଗାଡ଼ି ଗଲେ ଅନ୍ୟ ପଟୁ ଆସୁଥିବା ବାଇକ୍ ଆରୋହୀଙ୍କୁ ଛିଡା ହେବାକୁ ପଡୁଛି। ତୁରନ୍ତ ଏହି ରାସ୍ତାକୁ ନୂଆ ପିଚୁ କରାଯିବା ପର୍ଯ୍ୟନ୍ତ ଯାତାୟାତ ଉପଯୋଗୀ ଲାଗି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ପତିଙ୍କୁ ପଚାରିବାରେ ବିଭିନ୍ନ କ୍ୱାରିରେ କ୍ରଶର ଡଷ୍ଟର ଅଭାବ ପରିଲକ୍ଷିତ ହେଉଛି। ଆଗାମୀ ୫ରୁ ୭ ଦିନ ମଧ୍ୟରେ ଏହାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି ସପ୍ତାହ ପାଳିତ

ମହାକାଳପଡ଼ା, ୨୮।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ବିଦ୍ୟାଳୟରେ ଶୈକ୍ଷିକ, ଗୁଣାତ୍ମକ, ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଅବସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଚତୁର୍ଥ ବାର୍ଷିକ ଉତ୍ସବ ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ନନ୍ତାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ଶିକ୍ଷା ନୀତି ସପ୍ତାହ ପାଳନ ଅବସରରେ ମିଶନ ଲାଇଫ୍ ପାଇଁ ଇକୋ କ୍ଲବ, ସ୍କୁଲ ପୋଷଣ ଓ ମା' ପାଇଁ ଗଛଟିଏ ଚାରା ରୋପଣ କରି ଶିକ୍ଷା ସମାଜକୁ ନୂଆ ବାର୍ତ୍ତା ଆହ୍ୱାନ ଛାତ୍ରୀଛାତ୍ର ଓ ମା' ମାନେ ଦେଇଥିଲେ। ତେବେ ବିଦ୍ୟାଳୟରେ ଛାତ୍ରୀଛାତ୍ର ନିଜ ମା'ମାନେ ପରିସର ମଧ୍ୟରେ ଚାରା ରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନ୍ଦର ମୋହନ ସିଂ, ଶିକ୍ଷକମାନଙ୍କ ମଧ୍ୟରେ ବିପିନ ବିହାରୀ ପ୍ରଧାନ, ବିକାଶ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ପ୍ରସାଦ ଜେନା, ଉପସଭାପତି ପ୍ରଭାତୀ ମଲିକଙ୍କ ସହିତ ସିଆର୍‌ସିସି ଅଶୋକ କୁମାର ମହାରାଜ ଓ କବୀର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ନୟାଗଡ଼ରୁ ହାୱଡ଼ା, ବିଶାଖାପାଟଣାକୁ ଟ୍ରେନ୍ ଚଳାଚଳ ପାଇଁ ଦାବି

■ ପୂର୍ବତଟ ରେଳପଥ ସାଧାରଣ ପ୍ରବନ୍ଧକଙ୍କୁ ସ୍ମାରକପତ୍ର
■ ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ନୟାଗଡ଼,୨୮।୭(ଲୋକନାଥ ମିଶ୍ର)

ନୟାଗଡ଼ରୁ ହାୱଡା ଓ ବିଶାଖାପାଟଣାକୁ ଟ୍ରେନ ଚଳାଚଳ ଦାବି ପରି ୭ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପୂର୍ବତଟ ରେଳପଥ ସାଧାରଣ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଟାଉନ ଷ୍ଟେଶନ ମ୍ୟାନେଜର ସୁଖେନ୍ଦୁ ପ୍ରଧାନଙ୍କୁ ରବିବାର ପୂର୍ବାହ୍ନରେ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନକୁ ପାରାଦୀପ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, କେନ୍ଦୁଝର-ଖୋର୍ଦ୍ଧା ରୋଡ୍ ପାସେଞ୍ଜର ଟ୍ରେନକୁ ନୟାଗଡ଼ ପର୍ଯ୍ୟନ୍ତ ଚାଲୁ କରିବା, ଦଶପଲ୍ଲାରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନକୁ ବଦଳାଇ ମେମୁ ଟ୍ରେନ ପ୍ରଚଳନ କରିବା, ଦିନକୁଦିନ ରେଳଯାତ୍ରୀଙ୍କ ସଂଖ୍ୟା ବଢୁ ଥିବାରୁ ଚଳାଚଳ କରୁଥିବା ଟ୍ରେନଗୁଡ଼ିକର ବଗି ସଂଖ୍ୟା ବୃଦ୍ଧି କରିବା ତଥା ନୟାଗଡ଼ ଟାଉନ ଷ୍ଟେଶନ ପରିସର ଏବଂ ଏହାର ପରିବେଶ ସଫାସୁତୁରା ରଖିବା ପରି ଅନୁରୂପ ଦାବି ପୂରଣ ପାଇଁ ରହିଛି। ୧୫ ଦିନ ମଧ୍ୟରେ ଦାବିଗୁଡ଼ିକ ବିଚାର କରାଯାଇ ପୂରଣ କରିବା ଦିଗରେ ରେଳ ବିଭାଗ ତ୍ୱରିତ୍ ପଦକ୍ଷେପ ନେବାକୁ ନାଗରିକ ମଞ୍ଚ ପକ୍ଷରୁ ଅନୁରୋଧ


ନୟାଗଡ଼ ଟାଉନ ଷ୍ଟେଶନ ମ୍ୟାନେଜର ସୁଖେନ୍ଦୁ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ବ୍ୟବସାୟିକ କାର୍ଯ୍ୟ, ପରିଭ୍ରମଣ ତଥା ଅନ୍ୟ କାର୍ଯ୍ୟ ପାଇଁ ଅଧିକାଂଶ ଲୋକ ନୟାଗଡ଼ ଜିଲାରୁ ରାଜ୍ୟ ବାହାରକୁ ଯଥା କୋଲକତା, ବାଙ୍ଗାଲୋର, ବିଶାଖାପାଟଣା, ମୁମ୍ବାଇ ଆଦି ସ୍ଥାନକୁ ଯାଉଛନ୍ତି। ପୁଣି ଜିଲାର ଅଧିକାଂଶ ବ୍ୟବସାୟୀ ଦୋକାନ ଉପକରଣ ପାଇଁ କୋଲକାତା ଓ ବିଶାଖାପାଟଣା ଉପରେ ନିର୍ଭର କରିଥାନ୍ତି। ତେବେ ନୟାଗଡ଼ରୁ ଏହି ସବୁ ସ୍ଥାନଗୁଡ଼ିକ ସହିତ ସିଧାସଳଖ ରେଳ ସଂଯୋଗ ନ ଥିବାରୁ ବ୍ୟବସାୟୀମାନେ ହଇରାଣ ହୋଇ ଆସୁଛନ୍ତି। ଏଣୁ ନୟାଗଡ଼ରୁ ହାୱଡା ଏବଂ ବିଶାଖାପାଟଣାକୁ ତୁରନ୍ତ ରେଳ ସଂଯୋଗ କରାଯିବା ପାଇଁ ଦାବି କରାଯାଇଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ୨୦୧୭ରୁ ନୟାଗଡ଼ ଜିଲା ରେଳ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଅଦ୍ୟାବଧି ଅନେକ ଦାବି ପୂରଣ ହୋଇପାରିନାହିଁ। ୨୦୧୭ ଜୁନ ୧୯ରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଅଂଶ ସ୍ୱରୂପ ନୟାଗଡ଼ ଟାଉନ ଷ୍ଟେଶନ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଇତି ମଧ୍ୟରେ ଦୀର୍ଘ ୭ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିବାବେଳେ ନୟାଗଡ଼ ଜିଲାବାସୀ ସର୍ବନିମ୍ନ ରେଳ ସୁବିଧା ପାଇ ପାରିନାହାନ୍ତି। କେବଳ ଦଶପଲ୍ଲାରୁ ଭୁବନେଶ୍ୱର, ପୁରୀ ଏବଂ ଭଦ୍ରକ ମଧ୍ୟରେ ୩ଟି ଟ୍ରେନ ଚଳାଚଳ କରୁଥିବାବେଳେ ରାଜ୍ୟର ଅନ୍ୟ ସ୍ଥାନ ଏବଂ ରାଜ୍ୟ ବାହାରକୁ ଜିଲାରୁ କୌଣସି ଟ୍ରେନ ସୁବିଧା ନାହିଁ। ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଦାବିପତ୍ର ଷ୍ଟେଶନ ମ୍ୟାନେଜର ପ୍ରଧାନଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ସମୟରେ ଉପସଭାପତି ପ୍ରଦୀପ କୁମାର ସାହୁ, ସହସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ସଦସ୍ୟ ଲକ୍ଷ୍ମୀଧର ମହାପାତ୍ର, ତ୍ରିନାଥ ସାହୁ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ



ନୟାଗଡ଼,୨୮।୭(ଲୋକନାଥ ମିଶ୍ର)

ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ପାଇଁ ନୟାଗଡ଼ର ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମା' ଫାଉଣ୍ଡେଶନ ଓ ସୁଧା ସାଂସ୍କୃତିକ ଅନୁଷ୍ଠାନର ସକ୍ରିୟ ସଦସ୍ୟ ସତ୍ୟବ୍ରତ ଲେଙ୍କାଙ୍କ ନବଜାତ ଶିଶୁକନ୍ୟାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଉତ୍ସର୍ଗୀକୃତ କରାଯାଇ ଚାରାରୋପଣ କରାଯାଇଛି। ଉଭୟ ଅନୁଷ୍ଠାନର ସଦସ୍ୟମାନେ ପ୍ରତ୍ୟେକେ ଗୋଟିଏ ଲେଖାଏ ପ୍ରାୟ ୧୫ଟି ପେସ୍ତା ବାଦାମ ଗଛ ଲଗାଇଥିଲେ। ଶିଶୁ କନ୍ୟାର ମା' ପିତାଙ୍କ ପକ୍ଷରୁ ବୃକ୍ଷର ସୁରକ୍ଷା ନିମନ୍ତେ ବାଉଁଶ ଅଟେଇର ବ୍ୟବସ୍ଥା କରାଯିବା ସହ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜେ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଫାଉଣ୍ଡେଶନ ସମ୍ପାଦକ ରଞ୍ଜନ ରଶ୍ମି ଜେନାଙ୍କ ନେତୃତ୍ୱରେ ସୁଧା ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ମିଶ୍ର, ନୟାଗଡ଼ ଜିଲା ଲେଖକ ପରିଷଦର ସମ୍ପାଦକ ସେକ୍ ଅବଦୁଲ ଖାଲିକ, ଲକ୍ଷ୍ମୀନାରାୟଣ ରଥ, ଅଧ୍ୟାପକ ଗଣେଶ ମିଶ୍ର, ଦେବେନ୍ଦ୍ର ପରମଗୁରୁ,ବିରୂପାକ୍ଷ ସ୍ୱାଇଁ, ସତ୍ୟବ୍ରତ ଲେଙ୍କା, ସ୍ମୃତି ରଞ୍ଜନ ମାନସିଂହଙ୍କ ସମେତ ଅନେକ ପରିବେଶପ୍ରେମୀ ସହଯୋଗ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ବିଜୟାନନ୍ଦ ମହାପାତ୍ର ଓ ସାଗର ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମହାନଦୀ ଘାଟରେ କାଉଡିଆଙ୍କୁ ବୋଟ ସହ ଅଗ୍ନିଶମ କର୍ମଚାରୀ ଜଗିଲେ

ଧରିତ୍ରୀ ପ୍ରଭାବ

ଖଣ୍ଡପଡ଼ା,୨୮।୭(ଅଜୟ କୁମାର ମହାରଣା)

ସମ୍ପ୍ରତି ଶ୍ରାବଣ ମାସରେ ପ୍ରତି ସୋମବାର ପାଇଁ ଶନିବାର ଓ ରବିବାରଠାରୁ ହଜାର ହଜାର କାଉଡିଆ କଣ୍ଟିଲୋ ଶ୍ରୀନୀଳମାଧବ ପୀଠସ୍ଥ ମହାନଦୀ ଘାଟରୁ ଜଳାଭାର ସଂଗ୍ରହ କରିବାକୁ ଏଠାରେ ସମାଗମ ହୋଇଥାନ୍ତି। କାଉଡିଆ ମହିଳାପୁରୁଷମାନେ ମହାନଦୀ ଘାଟରୁ ଜଳ ସଂଗ୍ରହ ସମୟରେ ଅବା ବିଭିନ୍ନ ପର୍ଯ୍ୟଟକମାନେ ନଦୀରେ ସ୍ନାନ, ଶୌଚାଦି କରିବା ବେଳେ ଅଘଟଣ ମାନ ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି 'ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଧ୍ୟାନ ଦେଉନି ପ୍ରଶାସନ' ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ସହ ପୂର୍ବରୁ ଏକାଧିକ ବାର ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଶ୍ରାବଣ ମାସର ଶେଷ ପର୍ଯ୍ୟନ୍ତ ନଦୀରେ ବୋଟ ରଖାଯିବ ବୋଲି ଅଗ୍ନିଶମ ଅଧିକାରୀ ଅଜୟ କୁମାର ପାଇକରାୟ ସୂଚନା ଦେଇଛନ୍ତି। ରବିବାର ଏକ ମୋଟର ବୋଟ ସହିତ ୭ଜଣିଆ ଟିମ ମହାନଦୀ ଘାଟରେ ପହଞ୍ଚି ସେମାନଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ପାଇକରାୟ କହିଛନ୍ତି। ଏହି ଟିମ୍‌ରେ ମୁଖ୍ୟ ଫାୟାର ମ୍ୟାନ ମନୋଜ କୁମାର ସେଠୀ, ଭିକାରି ପରିଡା, ସୁରେଶ କୁମାର ସାହୁ, ଜ୍ଞାନ ରଞ୍ଜନ ନାୟକ, ଶିଶିର କୁମାର କର, ରଶ୍ମିରଞ୍ଜନ ରାଉତ ପ୍ରମୁଖ ସାଙ୍ଗରେ ଆବଶ୍ୟକ ଲାଇଫ ଜ୍ୟାକେଟ, ଆନୁଷଙ୍ଗିକ ସାମଗ୍ରୀ ସହିତ ଏକ ମୋଟର ବୋଟ ସହ ମହାନଦୀ ଘାଟରେ ମୁତୟନ ରହି ନଦୀରେ ପାଣି ସଂଗ୍ରହ କରୁଥିବା କାଉଡିଆମାନଙ୍କ ଗତିବିଧିକୁ ନଜର ରଖିଛନ୍ତି।



## ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

ଖଣ୍ଡପଡ଼ା,୨୮।୭(ଅଜୟ କୁମାର ମହାରଣା)

ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ପାଳନ ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟରେ ମା', ମାଟି ପରିବେଶ ଲାଗି ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ମିଳିତ ହୋଇ ବିଦ୍ୟାଳୟ ପରିସରରେ ରବିବାର ଚାରା ରୋପଣ କରିଥିଲେ। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଭାକର ମିଶ୍ର ପରିବେଶର ସୁରକ୍ଷା ନେଇ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ତେଣୁ ସମସ୍ତ ଛାତ୍ରୀଛାତ୍ର ମା'ଙ୍କ ନାମରେ ଘର ପଛ ପାର୍ଶ୍ୱ ବାରିରେ ଗୋଟିଏ ଚାରା ରୋପଣ କରିବାକୁ ଶିକ୍ଷୟତ୍ରୀ ଶିକ୍ଷକମାନେ ପରାମର୍ଶ ଦେଇଥିଲେ।

## ରାସ୍ତାରେ ଚାଲିଗଲା କାଉଡ଼ିଆଙ୍କ ଜୀବନ

ନୟାଗଡ଼,୨୮।୭(ଲୋକନାଥ ମିଶ୍ର)

ଖଣ୍ଡପଡ଼ା-ନୟାଗଡ଼ ରାସ୍ତାର ଖଣ୍ଡପଡ଼ା ବ୍ଲକ ଯୋଗିଆପଲ୍ଲୀ ଗାଁ ନିକଟରେ ଜଣେ ବୋଲବମ ଭକ୍ତଙ୍କ ଜୀବନ ଚାଲିଯାଇଛି। ମୃତକ ହେଲେ ବୃନ୍ଦାବନ ସ୍ୱାଇଁ (୫୦)। ଘର ନୟାଗଡ଼ ସଦର ଥାନାର ହୀରାଦେଇପୁର ଗାଁରେ। ବୃନ୍ଦାବନ କଣ୍ଟିଲୋ ମହାନଦୀରୁ ଜଳଭାର ଧରି ମାଳିସାହି ଗଡିଶ୍ୱର ପୀଠକୁ ଆସୁଥିଲେ। ବାଟରେ ରବିବାର ଯୋଗିଆପଲ୍ଲୀଠାରେ ଟଳି ପଡିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୩୦ ଲକ୍ଷ ଠକେଇ, ଜମି ବ୍ୟବସାୟୀ ଗିରଫ

ଭଞ୍ଜନଗର,୨୮।୭(ବାବୁଲା ପ୍ରଧାନ)

ଗୁଜରାଟର ଜଣେ ବ୍ୟବସାୟୀଙ୍କଠାରୁ ୩୦ ଲକ୍ଷ ଠକେଇ ଅଭିଯୋଗରେ ଭଞ୍ଜନଗରର ବାସିନ୍ଦା ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ସ୍ଥାନୀୟ ପୋଲିସ ରବିବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଗୁଜରାଟର କେ. ହମ୍ପାନି ଭଞ୍ଜନଗରରେ ବ୍ୟବସାୟ କରିବା ପାଇଁ ଯୋଜନା କରିଥିଲେ। ୨୦୨୨ ଫେବୃଆରୀରେ କେତେଜଣ ବ୍ୟବସାୟୀଙ୍କ ସହାୟତାରେ ସେ ଭଞ୍ଜନଗର ଆସି ସୁକାନ୍ତଙ୍କୁ ଭେଟିଥିଲେ। ସୁକାନ୍ତ ବ୍ୟବସାୟୀ ହମ୍ପାନଙ୍କୁ ତାରସିଂ ଥାନା ଅନ୍ତର୍ଗତ ତିନିଛକିଆ ନିକଟରେ ଏକ ଜମି ଯୋଗାଇ ଦେବା ପାଇଁ ତାଙ୍କଠାରୁ ୩୦ ଲକ୍ଷ ଟଙ୍କା ନେଇଥିଲେ। ସୁକାନ୍ତ ଏକ ନକଲି ଚୁକ୍ତିନାମା କରିଥିଲେ। ଏହାର କିଛି ଦିନ ପରେ ଜମି ରେଜିଷ୍ଟ୍ରି ହେବାର ଥିବାରୁ ହମ୍ପାନି ଭଞ୍ଜନଗର ଆସି ଜମିପଟ୍ଟାର ଠିକଣାକୁ ଆଧାର କରି ଭଞ୍ଜନଗର ମାଲ ସାହିରେ ରହୁଥିବା ବ୍ୟବସାୟୀ ପ୍ରଭାକର ମହାପାତ୍ରଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ଯାହାକୁ ଅଗ୍ରୀମ ଟଙ୍କା ଦେଇଥିଲେ ସେ ନ ଥିଲେ ଜାଣି ହମ୍ପାନିଙ୍କ ଚିନ୍ତା ବଢିଥିଲା। ପରେ ସେ ଭଞ୍ଜନଗର ଥାନାରେ ସୁକାନ୍ତଙ୍କ ନାଁରେ ଅଭିଯୋଗ କରିଥିଲେ।

## କବି, ସାହିତ୍ୟିକ ଗୌରାଙ୍ଗଙ୍କ ନବମ ଶ୍ରଦ୍ଧାଞ୍ଜଳି ସଭା

ଶରଣକୁଳ, ୨୮।୭ (ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ଅସୁରିଛିପା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଓଡ଼ିଶାର ଖ୍ୟାତନାମା ଆଶୁକବି, ସାହିତ୍ୟିକ, ଖବରଦାତା, ଗ୍ରନ୍ଥକାର, ଜନପ୍ରିୟ ରାଜନେତା ତଥା ସାମାଜିକ କର୍ମୀ ଗୌରାଙ୍ଗ ପ୍ରଧାନ(କନ୍ଦର୍ପ)ଙ୍କ ସ୍ମୃତିରେ ନବମ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବାଉଁଶିଆ ରଘୁନାଥପୁର ଶାସନସ୍ଥିତ 'ଆଶ୍ରୟ'ର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ପ୍ରଥମେ ଦାସକାଠିଆ ଓ ପାଲା ମାଧ୍ୟମରେ ବନ୍ଦନା କାର୍ଯ୍ୟକ୍ରମ ପରିବେଷଣ କରାଯିବା ପରେ ଗୌରାଙ୍ଗଙ୍କ ଜୀବନଶୈଳୀ ଉପରେ ବିଭିନ୍ନ କବି ତାଙ୍କର ନିଜ ନିଜର କବିତା ଆବୃତ୍ତି କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ଆଶ୍ରୟ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଲୋକନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର, ସାହିତ୍ୟିକ ପ୍ରଫେସର ବିଜୟ କୁମାର ଚୌଧୁରୀ, ଶିକ୍ଷାବିତ୍ ଅଶୋକ କୁମାର ନାୟକ, ସାମାଜିକ କର୍ମୀ ପ୍ରମୋଦ କୁମାର ପଟ୍ଟନାୟକ, ସଂସ୍କୃତି ଗବେଷକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ତଥା ସ୍ୱର ସମର୍ପଣ ଦିଲ୍ଲୀର ନିର୍ଦ୍ଦେଶକ ଆଚାର୍ଯ୍ୟ ଅଭିମନ୍ୟୁ, ସୁଦୂର ଚେନ୍ନାଇରୁ ପ୍ରକାଶିତ ଓଡ଼ିଆ ସାହିତ୍ୟ ପତ୍ରିକା 'ଭିନ୍ନ ମଣିଷ ଭିନ୍ନ ପୃଥିବୀ'ର ସମ୍ପାଦକ ବଟକୃଷ୍ଣ ମହାପାତ୍ର ଓ ଶିଶୁ କବି ତଥା ଶିକ୍ଷାବିତ୍ ପାଣ୍ଡବ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବ ଯୋଗଦେଇଥିଲେ। ଆଶ୍ରୟର ସମ୍ପାଦକ ଆଇନଜୀବୀ ଚିତ୍ତରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଯୋଗଦେଇଥିବା କବି, ସାହିତ୍ୟିକ, ଖବରଦାତା ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଗୌରାଙ୍ଗଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ରାୟଗଡ଼ାରୁ ଆସିଥିବା କବି ଜୟଦେବ ସିଠ, କଟକର କବି, ସାହିତ୍ୟିକ ନରେଶ ଚନ୍ଦ୍ର ରାୟ ମହାପାତ୍ର, ସଫଳା ଦାଶ, ଲକ୍ଷ୍ମୀପ୍ରିୟା ଜେନା, ବ୍ୟଙ୍ଗ କବି କୁନ୍ତଳା ବେହେରା, ଚିଲିକାର କବି ରଙ୍ଗନାଥ ସେଠୀ ଓ ନନ୍ଦିଘୋରୁ ରାମକୃଷ୍ଣ ପରିଡ଼ା ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ କବି ଗୌରାଙ୍ଗ ପ୍ରଧାନ ସ୍ମୃତି ସମ୍ମାନ -୨୦୨୪ ପ୍ରଦାନ କରାଯିବା ସହିତ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସୁପ୍ରବଚକ ତଥା ଅନୁଷ୍ଠାନର ସଦସ୍ୟ ବୈକୁଣ୍ଠ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ରାମକୃଷ୍ଣ ମହାରଣା, ଦିଲୀପ ସାହୁ ଏବଂ ଭାଗୀରଥି ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରମେଶ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ସଭାରେ ଯୋଗଦେଇଥିବା ଅତିଥିମାନେ।

## ଗୋଟିଏ କାମକୁ ଦୁଇଥର ନାଁ ବଦଳାଇ ଅର୍ଥ ଆତ୍ମସାତ୍

ଢୁଙ୍କାପଡ଼ା ପଞ୍ଚାୟତରେ ଦୁର୍ନୀତି

ପୋଲସରା,୨୮।୭(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଢୁଙ୍କାପଡ଼ା ଗ୍ରାମ ପଞ୍ଚାୟତରେ ମହା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଲୋକାୟୁକ୍ତ ଭୁବନେଶ୍ୱରରୁ ଦୁଇ ଜଣିଆ ଟିମ୍ ସିଭିଲ ଇଞ୍ଜିନିୟରିଂ ଡାଇରେକ୍ଟର ମାନଗୋବିନ୍ଦ ବିଶ୍ୱାଳ ଓ ତାଙ୍କ ସହଯୋଗୀ ଆସି ଢୁଙ୍କାପଡ଼ା ପଞ୍ଚାୟତର ବଉଦିଆପଲ୍ଲୀ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। କାଦୁଆ ଘାଇ ଯାହାର କାର୍ଯ୍ୟ କୋଡ ନମ୍ବର୍ ୧୦୩୭୪୭୫୮ରେ ପୂର୍ବରୁ ୨୦୨୨/୨୩ରେ ୧୦୧୮୮୦ ଟଙ୍କା ବିଲ୍ କରାଯାଇ ୨୬/୧୨/୨୦୨୨ରେ କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ ତାକୁ ପୁଣି ଚଞ୍ଚକତା କରି ୮ ଦିନ ପରେ ୦୩/୦୧/୨୦୨୩ରେ କଦୁଆ ଘାଇ ନାମ ବଦଳାଇ ପୁଣି କାଡ଼ିଆ ଘାଇ, ଯାହାର କାର୍ଯ୍ୟ କୋଡ ନମ୍ବର୍ ୧୦୫୭୯୮୨୨ରେ ପୁଣି ୪୨୭୮୦୪ ଅର୍ଥ ଆତ୍ମସାତ କରିଛନ୍ତି। ଘାଇକୁ ଦୁଇ ଦୁଇ ଥର ବିଲ୍ କରିଥିବା ଜଣାପଡ଼ିଛି। ସେହିପରି କଣିଆପଲ୍ଲୀ ହଜନାଳର ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରି ୪୨୫୮୬୦ ଟଙ୍କା ଅର୍ଥ ଆତ୍ମସାତ କରାଯାଇଛି ।


ଲୋକାୟୁକ୍ତ ଭୁବନେଶ୍ୱରରୁ ଦୁଇ ଜଣିଆ ଟିମ୍ ସିଭିଲ ଇଞ୍ଜିନିୟରିଂ ଡାଇରେକ୍ଟର ମାନଗୋବିନ୍ଦ ବିଶ୍ୱାଳ ଓ ତାଙ୍କ ସହଯୋଗୀ ତଦନ୍ତ କରୁଛନ୍ତି।

ତଦନ୍ତ ପାଇଁ ପହଞ୍ଚିଲେ ଲୋକାୟୁକ୍ତ ଟିମ୍

ଧବଳେଶ୍ୱର ମନ୍ଦିରଠାରୁ କୁସୁମୀ ନାଳ କାର୍ଯ୍ୟ କୋଡ ନମ୍ବର ୧୦୫୭୯୮୭୪ରେ ୧୦ଲକ୍ଷ ମଞ୍ଜୁର କରି ୬୬୭୩୨୬ ଟଙ୍କା ଅର୍ଥ ଆତ୍ମସାତ ହୋଇଛି। ଆମ୍ବପୁଆ ବନ୍ଧକୁ ମିଛ ନାମ ହାଡ଼ି ବନ୍ଧ ନାମ କରଣ କରି ଯାହାର କାର୍ଯ୍ୟ କୋଡ ନମ୍ବର ୧୦୫୦୫୭୦୯ରେ ୬ଲକ୍ଷ ଟଙ୍କା ମଞ୍ଜୁର କରି ୧୧୬୮୩୪ ଟଙ୍କା ବିଲ୍ କରିଛନ୍ତି। ଏହିପରି ସମସ୍ତ ୪ଟି ପ୍ରକଳ୍ପରେ ଢୁଙ୍କାପଡ଼ା ଗ୍ରାମପଞ୍ଚାୟତରେ ମୋଟ ୧୬୩୮୨୪ ଟଙ୍କା ଆର୍ଥ ଆତ୍ମସାତ କରିଛନ୍ତି। କିନ୍ତୁ ଲୋକାୟୁକ୍ତ ଟିମ୍ ଭଲ ଭାବରେ ତଦନ୍ତ ନ କରି ଜେଇ ଶଙ୍କର ନାରାୟଣ ସୁବୁଦ୍ଧିଙ୍କ ଇଚ୍ଛାରେ ଅନ୍ୟ ପ୍ରକଳ୍ପ ଜାଗାରେ ମାପଚୁପ କରି ତଦନ୍ତ ସାରି ଭୁବନେଶ୍ୱର ଫେରିଛନ୍ତି। ତେଣୁ ଢୁଙ୍କାପଡ଼ା ଗ୍ରାମର ରାଜୀବ କୁମାର ଜେନା ଲୋକାୟୁକ୍ତରେ କେସ ଦାୟର କରିଥିବା ବେଳେ ଦୁର୍ନୀତିର ଠିକ୍ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଲୋକଙ୍କ ଅଭିଯୋଗ ଶୁଣିଲେ ବାଚସ୍ପତି

ଭେଟବର ବନ୍ଧ ପରିଦର୍ଶନ କଲେ

ନୟାଗଡ଼/ରଣପୁର,୨୮।୭
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ରବିବାର ରଣପୁର ନିର୍ବାଚନମଣ୍ଡଳୀର ସୁନାଖଳା ଓ ରଣପୁରରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ପ୍ରଥମେ ସୁନାଖଳା ପଞ୍ଚାୟତକୁ ଯାଇ ୩୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣି ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ରଣପୁରରେ ଦଳୀୟ କାର୍ଯ୍ୟାଳୟରେ ଅନୁରୂପ ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣିଥିଲେ। ପରେ ଭେଟବର ଡ୍ୟାମ ପରିଦର୍ଶନ କରିଥିଲେ । ୧୯୭୧ ମସିହାରେ ୨୩୭ ଏକରରେ ନିର୍ମାଣ ହୋଇଥିବା ଡ୍ୟାମକୁ ବୁଲି ଦେଖିଥିଲେ। ବନ୍ଧଟି ପୋତି ହୋଇଯିବାରୁ ୭ଟି ପଞ୍ଚାୟତର ଚାଷୀ ଜଳସେଚନ କ୍ଷେତ୍ରରେ ହଇରାଣ ହେଉଥିବାରୁ ସେମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ବାଚସ୍ପତିଙ୍କୁ ଭେଟି ଡ୍ୟାମ ପୋତି ହୋଇଯିବା, କେନାଲରେ ପାଣି ନ ଆସିବା, ଚେକ୍ ଡ୍ୟାମ ନ କରିବା ନେଇ ଜଣାଇଥିଲେ। ଡ୍ୟାମର ପୁନରୁଦ୍ଧାର କରିବାକୁ ଚାଷୀଙ୍କ ଅନୁରୋଧକୁ ବାଚସ୍ପତି ସମ୍ମତି ପ୍ରଦାନ କରିଥିଲେ।


ବାଚସ୍ପତି ସୁରମା ପାଢ଼ୀ ସୁନାଖଳା ଓ ରଣପୁରର ଲୋକଙ୍କ ଅଭିଯୋଗକୁ ଶୁଣୁଛନ୍ତି।

### ମେଡିକାଲ କଲେଜ ଦାବି

ରଣପୁର ବ୍ଲକର ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ମେଡିକାଲ କଲେଜ କରିବାକୁ ଚାନ୍ଦପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଓ ଚାନ୍ଦପୁର, କନ୍ଦନୂଆଗଡ଼ ପଞ୍ଚାୟତର ଭାଜପା କର୍ମକର୍ତ୍ତା ବାଚସ୍ପତିଙ୍କୁ ଚାନ୍ଦପୁରରେ ଭେଟି ଦାବି କରି ସ୍ମାରକପତ୍ର ଦେଇଛନ୍ତି। ସ୍ମାରକପତ୍ର ପାଇବା ପରେ ବାଚସ୍ପତି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍କୁଲ ନିକଟରେ କଳାପଥର ଖାଦାନ





■ ବ୍ଲାଷ୍ଟିଂ ଯୋଗୁ ବିପଦରେ ଛାତ୍ରୀଛାତ୍ରଙ୍କ ଜୀବନ
■ ଅନୁମତିଠାରୁ ବହୁ ଗୁଣ ଅଧିକ ଉତ୍ତୋଳନ

ଯାଜପୁର,୨୮।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବିଭିନ୍ନ କଳାପଥର ଖାଦାନରେ ଲଘୁ ଖଣିଜ ନୂତନ ସଂଶୋଧନ ଆଇନର ଉଲ୍ଲଂଘନ ନୂଆ କଥା ନୁହେଁ। ବିପୁଳ କୋଟି ଟଙ୍କା ଆୟ କରିବାକୁ ଜନବସତି, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଆଦି ଉପରେ ମଧ୍ୟ ଧ୍ୟାନ ଦିଆଯାଉନାହିଁ। ଏହିକ୍ରମରେ ମୁକୁନ୍ଦପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟଠାରୁ ମାତ୍ର ୨୦୦ ମିଟର ଦୂର ଭିତରେ ଥିବା ଅଞ୍ଜିରା ୭ ନମ୍ବର ଖାଦାନରୁ କଳାପଥର ଉତ୍ତୋଳନ ପାଇଁ ହାଇଦ୍ରାବାଦ ନାଗାର୍ଜୁନ ହିଲର ପିଏସ୍‌କେ ଇନଫ୍ରାଷ୍ଟ୍ରକ୍ଟର ଆଣ୍ଡ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିଃକୁ ୨୭।୩।୨୦୨୪ରୁ ଅନୁମତି ମିଳିଛି। ଏହି ସଂସ୍ଥା ଦ୍ୱାରା ଉଚ୍ଚ କ୍ଷମତା ସମ୍ପନ୍ନ ବ୍ଲାଷ୍ଟିଂ କରାଯାଇ ଉକ୍ତ ଖାଦାନ ଚାଲିଛି। ଏହାସହ ନିକଟରେ ଏକ ବେସରକାରୀ ଜମିକୁ ଲିଜ ନେଇ ଉପରୋକ୍ତ ସଂସ୍ଥା ଏକ କ୍ରଶର ଚଳାଇଛି। ଫଳରେ ଉକ୍ତ ବାୟୁ ପ୍ରଦୂଷଣ ଯୋଗୁ କୋମଳମତି ସ୍କୁଲ ପିଲାମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ଏହି କଳାପଥର ଖାଦାନକୁ ବନ୍ଦ କରାଯିବା ସହ ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ପିଏସକେ ସଂସ୍ଥାକୁ ୫ ବର୍ଷ ପାଇଁ ୬ ଲକ୍ଷ ଘନମିଟର କଳାପଥର ଉତ୍ତୋଳନ କରିବାକୁ ଅନୁମତି ଥିବାବେଳେ ଏହି ୪ ମାସ ମଧ୍ୟରେ ଦିନରାତି ବ୍ଲାଷ୍ଟିଂ କରି ପ୍ରାୟ ୧ ଲକ୍ଷ ଘନମିଟର ଉତ୍ତୋଳନ କରାଯାଇଥିବା ଅଭିଯୋଗ ହୋଇଛି। ଅନୁମତିଠାରୁ ଢେରଗୁଣ ଅଧିକ କଳାପଥର ଲୁଟ୍ ଅଭିଯୋଗ ହେବା ପରେ ୨୦୨୩ ମାର୍ଚ୍ଚରୁ ସାଟେଲାଇଟ ମାପଚୁପ ଅନୁସାରେ ୧୯ ଜଣ ଲିଜଧାରୀଙ୍କଠାରୁ ୩୧୩.୪ କୋଟି ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ସେତେବେଳେ ମାପଚୁପରେ ବ୍ୟାପକ ଅନିୟମିତତା କରାଯାଇ ପ୍ରାୟ ୫୦୦୦ କୋଟି ଟଙ୍କା ବଦଳରେ ଏତେ କମ୍ ଜରିମାନା ଧାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଲିଜଧାରୀମାନେ ଆଇନର ଆଶ୍ରୟ ନେଇ ଜରିମାନା ନ ଦେଇ ବସି ରହିଛନ୍ତି। ଏଥିରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କ ପରୋକ୍ଷ ସହଯୋଗ ରହିଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ପାରିପାର୍ଶ୍ୱିକ ପ୍ରଭାବକୁ ନିରୀକ୍ଷଣ ନ କରି କଳାପଥର ଖାଦାନ ଚୟନ ହୋଇଥିବାରୁ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ପୂର୍ବରୁ ଆରୁହା ବିଏସକ୍ୟୁ ନମ୍ବର-୨ ସଇରାତ ନମ୍ବର ୧୬/୧୬-୧୭ ଏବଂ ୩୪/୨୧-୨୨ ନମ୍ବର ଦୁଇଟି ଖାଦାନ ପ୍ରାଥମିକ ସ୍କୁଲଠାରୁ ମାତ୍ର ୫୦୦ ମିଟର ଦୂରତା ମଧ୍ୟରେ ଚାଲିଥିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ସ୍କୁଲ ପିଲାଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଏଯାଏ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ତ୍ତମାନ ଅନୁରୂପ ଭାବେ ଅଞ୍ଜିରା ୭ ନମ୍ବର ଖାଦାନ ନିକଟରେ ସ୍କୁଲ ଥିବାରୁ ପିଲାମାନେ ବାୟୁ ଏବଂ ଶବ୍ଦ ପ୍ରଦୂଷଣରେ ଅତିଷ୍ଠ ହୋଇପଡୁଛନ୍ତି। ପାଠପଢ଼ାରେ ପିଲାମାନଙ୍କ ଧ୍ୟାନ ରହୁନାହିଁ। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ୧ ବର୍ଷ ପୂର୍ବେ ରାଜସ୍ୱ ବିଭାଗ ଅଧୀନରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ଭାର ରହିଥିଲା। ଏବେ ଯାଜପୁରରେ ଏକ ଲଘୁ ଖଣି ନିର୍ଦ୍ଦେଶାଳୟ ଖୋଲିଛି। ଏହି କାର୍ଯ୍ୟାଳୟରେ ଜଣେ ଉପନିର୍ଦ୍ଦେଶକଙ୍କ ସମେତ ୫ ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ଏହି ଲଘୁ ଖଣି କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଯାଜପୁର ଜିଲାରେ ମୋରମ, କଳାପଥର, ବାଲି, ମାଙ୍କଡା ପଥର ଇତ୍ୟାଦି ବେଆଇନ ଭାବେ ପରିବହନ ସୀମା ଲଂଘିଛି ବୋଲି ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଅଞ୍ଜିରା ୭ ନମ୍ବର କ୍ୱାରୀ ଜିଲା କମିଟି ଦ୍ୱାରା ପୂର୍ବରୁ ଚୟନ ହୋଇଛି। ତଦନୁସାରେ ଲିଜ୍ ଦିଆଯାଇଛି। ଏହାସହ ଅନୁମତିଠାରୁ ଅଧିକ ଉତ୍ତୋଳନ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍କୁଲ ପିଲାମାନଙ୍କ ସମସ୍ୟା ଯଦି ହେଉଛି ସେ ନେଇ ଅନୁଧ୍ୟାନ ହେବ ବୋଲି ନାୟକ କହିଛନ୍ତି।

# ସଙ୍କଟରେ ପୁରାତନ ଜଳଧାରା

ରସୁଲପୁର,୨୮।୭ (ରଞ୍ଜିତ ରାଉତ)

**ପୁନରୁଦ୍ଧାର ପାଇଁ ଲଢ଼େଇ କରିବ ଓଡ଼ିଶା କୃଷକ ବିକାଶ ମଞ୍ଚ**

ରସୁଲପୁର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଖରସ୍ରୋତା ନଦୀ, ଦପା ନାଳ, ଦୁଧେଇ ନାଳ, ପାଟନାଳୀ ଭଳି ପୁରାତନ ଜଳଧାରାଗୁଡ଼ିକ ସଙ୍କଟ ଦେଇ ଗତିକରୁଛି। କାରଣ ସେଗୁଡ଼ିକ ଅନାବନା ଗଛ, ଦଳଜାତୀୟ ଗୁଳ୍ମରେ ଭର୍ତ୍ତି ହୋଇ ପୋତି ହୋଇପଡ଼ିଛି। ଉକ୍ତ ଜଳଧାରାଗୁଡ଼ିକ କୃଷକମାନଙ୍କ ଜୀବନରେଖା ଥିଲା ଏବଂ ଚାଷୀମାନଙ୍କୁ ବନ୍ୟା ଦାଉରୁ ରକ୍ଷା କରୁଥିଲା। ସେଗୁଡ଼ିକୁ ପୁନରୁଦ୍ଧାର କରାଯାଉ ନ ଥିବାରୁ ବାରବାଟୀ, ଓଡ଼ିଶୋ, ସିଂହାପୁର, କଲଣ, ଭୋଟକା, ଗନ୍ଧଣ, ଟିକରପଡ଼ା, ରସୁଲପୁର, ରାହାମ୍ବା ଆଦି ପଞ୍ଚାୟତର ବହୁ ହଜାର ଏକର ଚାଷଜମି ଜଳମଗ୍ନ ହୋଇରହୁଛି ଏବଂ କୃଷିକାର୍ଯ୍ୟ ପ୍ରଭାବିତ ହେଉଛି। ତେଣୁ ସେହିସବୁର ପୁନରୁଦ୍ଧାର ପାଇଁ ଓଡ଼ିଶା କୃଷକ ବିକାଶ ମଞ୍ଚ ଲଢ଼େଇ କରିବ ବୋଲି ବ୍ଲକ ସଭାପତି ବିଶ୍ୱଜିତ୍ ମହାନ୍ତି କହିଛନ୍ତି। ରାଜ୍ୟରେ ଭାଜପା ସରକାର କୃଷକଙ୍କ ହିତରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଧାନର ସହାୟକ ମୂଲ୍ୟରେ ବୃଦ୍ଧି ଘଟାଇ କୁଇଣ୍ଟାଲ ପିଛା ୩୧୦୦ଟଙ୍କା କରାଯିବା ସହ କୃଷିର ଉନ୍ନତି ପାଇଁ ବଜେଟରେ ଆଶାନୁରୂପ ବ୍ୟୟବରାଦ କରାଯାଇଛି। ହେଲେ ଉକ୍ତ ଅର୍ଥର ସଦୁପଯୋଗ ସହ ତାହାର ସୁଫଳ ତୃଣମୂଳସ୍ତରରେ ଚାଷୀମାନଙ୍କ ନିକଟରେ ପହଞ୍ଚୁ ବୋଲି ମଞ୍ଚ ଚାହୁଁଛି। ସେହିପରି ପୁରାତନ ଜଳଧାରାଗୁଡ଼ିକୁ ପୁନରୁଦ୍ଧାର କରିବା ଉପରେ ସରକାର ପ୍ରାଥମିକତା ଦେବାକୁ ମହାନ୍ତି ଅନୁରୋଧ କରିଛନ୍ତି। ମଞ୍ଚ ପକ୍ଷରୁ ଅନୁଧ୍ୟାନକାରୀ ଦଳ ଗଠନ କରାଯାଇ କ୍ଷେତ୍ର ପରିଦର୍ଶନ କରାଯିବ। ଅନୁଧ୍ୟାନକାରୀଙ୍କ ରିପୋର୍ଟ ମୁତାବକ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି ମହାନ୍ତି ପ୍ରକାଶ କହିଛନ୍ତି।

# ଆଳୁର କୃତ୍ରିମ ଅଭାବ, ୪୦ରୁ ଦର ଖସୁନି

ରସୁଲପୁର,୨୮।୭ (ରଞ୍ଜିତ ରାଉତ)



ରସୁଲପୁର ବ୍ଲକରେ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷକରି ଆଳୁ ଦର ଅହେତୁକ ବୃଦ୍ଧି ପାଇଛି। ଖାଦ୍ୟ ସାମଗ୍ରୀର ଦରକୁ କୃତ୍ରିମ ଭାବରେ ବୃଦ୍ଧି ନ କରିବା ପାଇଁ ବ୍ୟବସାୟୀମାନଙ୍କୁ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ଆଳୁ ଗୋଦାମଗୁଡ଼ିକୁ ପରିଦର୍ଶନ କରାଯିବା ସହ ବ୍ୟବସାୟୀମାନଙ୍କୁ ଆଳୁ କେ.ଜି. ପିଛା ସର୍ବାଧିକ ୩୨ଟଙ୍କାରେ ବିକ୍ରି କରିବାକୁ କୁହାଯାଇଛି। ଯୋଗାଣ ବିଭାଗର ଏହି ନିର୍ଦ୍ଦେଶନାମାକୁ ବ୍ୟବସାୟୀମାନେ ଅବମାନନା କରୁଛନ୍ତି। ଗ୍ରାମାଞ୍ଚଳ ଦୋକାନଠାରୁ ଆରମ୍ଭ କରି ହାଟବଜାର ଛକରେ ଥିବା ଦୋକାନୀମାନେ ଆଳୁ କେ.ଜି. ପିଛା ୪୦ରୁ ୪୫ ଟଙ୍କାରେ ବିକ୍ରି କରୁଛନ୍ତି। ଲୋକେ ଏହାଦ୍ୱାରା ଲୁଟ୍‌ର ଶିକାର ହେଉଥିବାବେଳେ ଏଥିରେ ରୋକ ଲଗାଇବାରେ ପ୍ରଶାସନ ବିଫଳ ହେଉଛି।

ପଶ୍ଚିମବଙ୍ଗରୁ ଆଳୁ ବୋଝେଇ ଟ୍ରକ ଆସିପାରି ନ ଥିବାରୁ ଓଡ଼ିଶାରେ ଆଳୁ ସଙ୍କଟ ଦେଖାଦେଇଥିଲା। ଫଳରେ ସପ୍ତାହେ ହେଲା ଆଳୁ ଦର ୪୦ ଟଙ୍କା ଛୁଇଁଥିଲା। ଶନିବାର ସନ୍ଧ୍ୟାରୁ ଆଳୁ ବୋଝେଇ ଟ୍ରକ ଓଡ଼ିଶାର ବିଭିନ୍ନ ସ୍ଥାନରେ ପହଞ୍ଚିଛି। କିନ୍ତୁ ବିଭିନ୍ନ ସ୍ଥାନରେ ଗୋଦାମ ମାଲିକମାନେ ଆଳୁର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ଫଳରେ ଦର କମୁନାହିଁ। ଆଳୁ ମହଜୁଦ୍ ନାହିଁ କହି ଗୋଦାମ ଓ ଖୁଚୁରା ବ୍ୟବସାୟୀମାନେ କମ୍ ଦାମରେ କିଣିଥିବା ଆଳୁକୁ ଉଚ୍ଚାଦରରେ ବିକ୍ରିକରି ମାଲାମାଲ ହେଉଛନ୍ତି। ଏହାଦ୍ୱାରା ସାଧାରଣ ଗରିବ, ଖଟିଖିଆ ଲୋକଙ୍କ ଉପରେ ଆର୍ଥିକ ବୋଝ ଲଦି ହୋଇପଡ଼ିଛି। ବିଭାଗ ପକ୍ଷରୁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଲଗାତର ଚଢାଉ କରାଯାଉ ନ ଥିବାରୁ ଏଭଳି ଘଟୁଛି ବୋଲି କୁହାଯାଉଛି। ଅସାଧୁ ବ୍ୟବସାୟୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦରଦାମ୍‌କୁ ତୁରନ୍ତ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜିତୁ


@ କରନ


@ ଲିପୁ


@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜେଡି ଛାଡ଼ି ଭାଜପାରେ ସାମିଲ ଶତାଧିକ କର୍ମୀ


ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ ।

କାଏମା,୨୮।୭(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ କୁମାରିସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି। ସବ୍ୟସାଚୀ ସୁନ୍ଦରାୟଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଶହ ଶହ ସଂଖ୍ୟାରେ କର୍ମୀ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ଶ୍ରୀକାନ୍ତ ସାହୁ, ସର୍ବେଶ୍ୱର ବେହୁରା, ଆଲୋକ ଲେଙ୍କା, ଉପେନ୍ଦ୍ର କର, ପ୍ରକାଶ ସାମଲ ଅତିଥି ଭାବେ ମଞ୍ଚାସୀନ ଥିବାବେଳେ ସିଂହାପୁର ପଞ୍ଚାୟତ ସରପଞ୍ଚ ହୃଦାନନ୍ଦ ସାହୁ, ଦେଓଦା ପୂର୍ବତନ ସରପଞ୍ଚ ପୀତାମ୍ବର ନାୟକ, ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ରାଉତ, ସୁହୁରିଆ ପଞ୍ଚାୟତ ବିଜେଡି ସଭାପତି ହେମନ୍ତ ଜେନା, ସରପଞ୍ଚ ନିର୍ମଳ କୁମାର ଦାସ, ସରପଞ୍ଚ ସୁମିତ୍ରା ସ୍ୱାଇଁ, ମହିସରା ସରପଞ୍ଚ ସଫଳା ବେହେରା, ହରିଦାସପୁର ସରପଞ୍ଚ ବିକ୍ରମ ବିଶ୍ୱାଳ, ସୀତାଂଶୁ ଶେଖର କର, ବିଜେଡି ଯୁବ ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ବେହେରା, ଜିଲା ଛାତ୍ର ସମ୍ପାଦକ ସପ୍ତସାଗର ଦାସ, ସ୍ୱାଗତ ଦାସ ରାଜ୍ୟ ଛାତ୍ର ସମ୍ପାଦକ, ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ସମିତି ସଭ୍ୟ କୁଞ୍ଜଲତା ପଣ୍ଡା, ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ପଞ୍ଚାୟତ ନାଏବ ସରପଞ୍ଚ ସୁବାସ ଚନ୍ଦ୍ର ଜେନା, ଦେଓଦା ପଞ୍ଚାୟତ ସମିତି ସଭ୍ୟ ଅନନ୍ତ ତରାଇ, ମିର୍ଜାପୁର ପଞ୍ଚାୟତ ସମିତି ସଭ୍ୟ ବୃନ୍ଦାବନ ବେହେରା, ସମିତି ସଭ୍ୟ ସସ୍ମିତା ନାୟକ, ଭବାନୀପୁର ସମିତି ସଭ୍ୟ ସରୋଜିନୀ ମହାନ୍ତି, ସମିତି ସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ସମିତି ସଭ୍ୟ ପବିତ୍ର ବେହେରା, ସମିତି ସଭ୍ୟ ବିଦ୍ୟାଧର ମଲ୍ଲିକ, ସମିତି ସଭ୍ୟ ସବିତା ସାମଲ, ଗଙ୍ଗାଧରପୁର ସମିତି ସଭ୍ୟ ତିଳତ୍ତମା ବରାଳ, ପ୍ରତାପ ଦାସ, ଦେବବ୍ରତ ରାଉତ, ଶୈଳେନ୍ଦ୍ର ସାହୁ, ଅଭିଜିତ ଭୁୟାଂ, ସରୋଜ ସାହୁ ଓ ଅନ୍ୟ ପ୍ରମୁଖଙ୍କୁ ବିଧାୟକ ସାହୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

# ଗାଡ଼ିକୁ ଦୁର୍ଘଟଣା କରି ଅପହରଣରୁ ବର୍ତ୍ତିଲେ ବ୍ୟବସାୟୀ

ବରୀ,୨୮।୭ (ମହେନ୍ଦ୍ର ସ୍ୱାଇଁ)

**ଚାଳକ କୋର୍ଟଚାଲାଣ**

ମଇଁଷି ବେପାରକୁ ନେଇ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅନ୍ୟାସିପୁର ଗ୍ରାମର ବ୍ୟବସାୟୀ ବିଚିତ୍ରାନନ୍ଦ ମଳିକ (୫୪)ଙ୍କୁ କେତେଜଣ ବ୍ୟକ୍ତି ଏକ କାର୍ (ଓଡି୩୪ ଏଚ୍ ୩୮୧୬)ରେ ଶନିବାର ରାତିରେ ଅପହରଣ କରି ନେଉଥିଲେ। ହେଲେ ବିଚିତ୍ରାନନ୍ଦ ହଠାତ୍ ଷ୍ଟିୟରିଂକୁ ମୋଡ଼ି ଦେବାରୁ ଗାଡ଼ିଟି ରାସ୍ତାକଡ଼କୁ ମାଡ଼ିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିରେ ବିଚିତ୍ରାନନ୍ଦ ଓ ଚାଳକ ସୁମିତ ଶେଖର ସାହୁଙ୍କୁ ଛାଡ଼ି ଅନ୍ୟ ତିନି ଜଣ ଅନ୍ଧାର ସୁଯୋଗରେ ଦୌଡ଼ି ପଳାଇଥିଲେ। ବିଚିତ୍ରାନନ୍ଦଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ପହଞ୍ଚି ଗାଡ଼ି ଚାଳକ ସୁମିତକୁ କାବୁ କରି ବରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଗାଡ଼ିଟିକୁ ଜବତ କରିବା ସହିତ ଚାଳକଙ୍କୁ ଥାନାକୁ ଆଣି ପଚରାଉଚରା କରି ତାଙ୍କୁ କୋର୍ଟଚାଲାଣ କରିଛି। ଏନେଇ ଏକ ମାମଲା (ନଂ.୪୩୭/୨୦୨୪) ରୁଜୁ ହୋଇଥିବା ବରୀ ଥାନା ଅଧିକାରିଣୀ ସୁକାନ୍ତି କୁମାରୀ ମହାନ୍ତି କହିଛନ୍ତି। ସୁମିତଙ୍କ ତଥ୍ୟ ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ମହାନ୍ତି କହିଛନ୍ତି। ମିଳିଥିବା ସୂଚନାନୁଯାୟୀ ବିଚତ୍ରାନନ୍ଦ ମଇଁଷି ବ୍ୟବସାୟ କରନ୍ତି। ତେବେ ସେ କୁଆଡେ ପଇସା ନେଇ ମଇଁଷି ନ ଦେବାରୁ ତାଙ୍କୁ ଅଭିଯୁକ୍ତମାନେ ଅପହରଣ କରି ନେଉଥିଲେ ବୋଲି ଜଣାପଡ଼ିଛି।

# ଘର ଭିତରେ ଆଣ୍ଠୁଏ ପାଣି

ଚଢ଼େଇଧରା, ୨୮।୭ (ଦିଲୀପ ପରିଡ଼ା)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଅଧୀନ ଚଢ଼େଇଧରା ତଳ ଛକରେ ରହୁଥିବା ଫାର୍ମାସିଷ୍ଟ ମନ୍ମଥ ନାଥ କୁଣ୍ଡୁଙ୍କ ପରିବାର ଦଶ ଦିନ ଧରି ଜଳବନ୍ଦୀ ଅବସ୍ଥାରେ ଜୀବନ କାଟୁଛନ୍ତି। ଘରର ପ୍ରତି ବଖରାରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଛି ଏବଂ ସରୀସୃପ ଯାତାୟାତ କରୁଛନ୍ତି। ତାରି ଭିତରେ ଶ୍ୱାସରୋଗୀ ୮୦ ବର୍ଷୀୟ ମନ୍ମଥ ରୋଗ ଯନ୍ତ୍ରଣାରେ ନୟାନ୍ତ ହେଉଥିବାବେଳେ ୭୨ ବର୍ଷୀୟା ତାଙ୍କ ସ୍ତ୍ରୀ ଖାଇବା ଯୋଗାଡ଼ ପାଇଁ ପାଣିରେ ଯାତାୟାତ କରି ଥଣ୍ଡା ଜ୍ୱରରେ ଆକ୍ରାନ୍ତ। ୪୦ ବର୍ଷ ଧରି ଘର କରି ରହିବା ଭିତରେ କେବେ ହେଲେ ଘରେ କିମ୍ବା ବାଡ଼ିରେ ପାଣି ପଶି ନ ଥିଲା। ଚଳିତ ବର୍ଷ ସେଭଳି ବଡ଼ ବର୍ଷା ହୋଇ ନାହିଁ କି ଗାଡ଼ିଆ ପୋଖରୀ ପୂରି ନାହିଁ। କିନ୍ତୁ ମନୁଷ୍ୟକୃତ ଭାବରେ ତାଙ୍କ ଘର ସହିତ ରାସ୍ତାର ଅପରପାର୍ଶ୍ୱରେ ରହିଥିବା ଅନେକ ଦୋକାନ ଘର ଜଳାର୍ଣ୍ଣବ ହୋଇଛି। ନଳକୂପ ଓ ପାଇଖାନା ପାଣି ଏକାକାର ହୋଇ ଘର ବାହାର ସବୁ ଆଡ଼େ ଜମିରହିଛି। ଚଟାଣ ଉପରେ ଆଣ୍ଠୁଏ ପାଣି କାରଣରୁ ଛାତ ଉପରେ ଶୋଇବାକୁ ବାଧ୍ୟ ହୋଇଛନ୍ତି ପରିବାର। ଆଉ ଦୁଇ ଅସରା ବର୍ଷାରେ ଘର ଅଧାକୁ ପାଣି ଲାଗିବ। କାରଣ ପାଣି ନିଷ୍କାସିତ ହେଉଥିବା ପୋଲ ଏବେ ଜବରଦଖଲ ହୋଇଛି। ଅନ୍ୟମାନେ ନାଳ ପାଣି ବାହାରି ଯିବାକୁ ଢଳେଇ ନଳା କରିଥିବାବେଳେ ସେଇ ପୋଲ ମୁହଁରେ ମାଟି ପକାଇ ପୋତି ଦିଆଯାଇଥିବା କାରଣରୁ ଚଢ଼େଇଧରା ଉପର ଛକ, ପାହାଡ଼ ସହିତ ଜମି ବାଡ଼ିରୁ ବହି ଆସୁଥିବା ପାଣି ତଳକୁ ଯାଇ ନ ପାରି ଲୋକଙ୍କ ଘର ଭିତରେ ପଶିଲାଣି। ରାସ୍ତାଠାରୁ ୩ ଫୁଟ ନିମ୍ନରେ ଥିବା ଏକ ଜମିକୁ ରାସ୍ତା ଉଚ୍ଚତା ସହିତ ସାମନ କରିବା ପାଇଁ ମାଟି ଦ୍ୱାରା ପୋତି ଦିଆଯିବା ଯୋଗୁ ଏଭଳିସ୍ଥିତି ଉପୁଜିଛି। ଦୁଃଖ ଦୂର ପାଇଁ ମନ୍ମଥ ତହସିଲ କାର୍ଯ୍ୟାଳୟ, ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଠିକାଦାର, ଜେନାପୁର ଥାନାକୁ ଯାଇ ଗୁହାରି କରିଥିଲେ ମଧ୍ୟ ପୋଲ ମୁହଁକୁ ପୋତିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଦିନେ ଦୁଇ ଦିନ ମଧ୍ୟରେ ଉକ୍ତ ପୋଲ ମୁହଁକୁ ପ୍ରଶାସନ ମୁକୁଳା ନ କଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ମନ୍ମଥ କହିଛନ୍ତି।

# ମାତୃତ୍ୱ ଅପେକ୍ଷାରେ ଭିତରକନିକାର ସୁନ୍ଦରୀ ମଲ୍ଲୀ

ରାଜନଗର, ୨୮।୭ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ଶୋଭାକୁ ଦ୍ୱିଗୁଣିତ କରୁଥିବା ୨୯ ବର୍ଷିଆ ଶଙ୍ଖୁଆ ମା' ଧଳା କୁମ୍ଭୀର ମଲ୍ଲୀ ଚଳିତବର୍ଷ ପ୍ରଜନନ ଋତୁରେ ସାମିଲ ହୋଇଛି। ଭିତରକନିକା ଜାତୀୟ ଉଦ୍ୟାନର ଏକ ଆବଦ୍ଧ ପୁଷ୍କରିଣୀ ଭିତରେ ନିଃସଙ୍ଗ ଜୀବନ ବିତାଉଥିବା ମଲ୍ଲୀ ପୁଣି ଥରେ ମାତୃତ୍ୱ ଲାଭ କରିବା ପାଇଁ ବସା ବାନ୍ଧି 'ବା' ଅଣ୍ଡାଦାନ କରିଛି। ମା' ହେବାର ଆଶା ବାନ୍ଧିଛି। ମଲ୍ଲୀ ଏଥିପୂର୍ବରୁ ଆବଦ୍ଧ ପୋଖରୀ ମଧ୍ୟରେ ୬ଥର 'ବା' ଅଣ୍ଡା ଦେଇଥିବା ବେଳେ ସେଥିରୁ ଛୁଆ ଫୁଟିବା ସମ୍ଭବ ହୋଇନାହିଁ। ଆବଦ୍ଧ ପୁଷ୍କରିଣୀ ମଧ୍ୟରେ ନିଃସଙ୍ଗତା ଭିତରେ ମଲ୍ଲୀ ପୁରୁଷ ସାଥୀ ସହିତ ମିଳନ ହେବାର ଇତିମଧ୍ୟରେ ୨୯ ବର୍ଷ ବିତିଲାଣି। ଏତେସତ୍ତ୍ୱେ ମଲ୍ଲୀ ସପ୍ତମ ଥର ପାଇଁ 'ବା'ଅଣ୍ଡାଦେଇ ଛୁଆ ଫୁଟିବା ଆଶାରେ ଅସରନ୍ତି ସ୍ୱପ୍ନ ଦେଖୁଛି।

୧୯୭୫ରେ ବିଶ୍ୱର ପ୍ରଥମ କୃତ୍ରିମ ଉପାୟରେ କୁମ୍ଭୀର ପ୍ରଜନନ ପ୍ରକ୍ରିୟା ଭିତରକନିକା ଜାତୀୟ ଉଦ୍ୟାନରେ ସ୍ଥାପନ କରାଯାଇଥିଲା। ଅଷ୍ଟ୍ରେଲିଆର ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକ ଡ. ଏଚ.ଆର୍. ବଷ୍ଟାର୍ଡ ଓ ଭାରତର ବିଶିଷ୍ଟ କୁମ୍ଭୀର ଗବେଷକ ଡ. ସୁଧାକର କର ଏହି ପ୍ରଜନନ ଦାୟିତ୍ୱରେ ରହିଥିଲେ। ୨୦୦୩ରେ ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ଲାଗିଥିବା ବାଙ୍କୁଆଳ ଗାଁର ପଛ ଜଙ୍ଗଲରୁ ଏକା ସାଙ୍ଗରେ ୨ଟି ଧଳା କୁମ୍ଭୀର ଛୁଆ ଦେଖିବାକୁ ମିଳିଥିଲା। ବନ କର୍ମଚାରୀ ଜାଲରେ ୨ଟି ଧଳା କୁମ୍ଭୀର ଛୁଆଙ୍କୁ ଧରିଥିଲେ। ଅଧିକ ସଫା ଦିଶୁଥିବା ଧଳା କୁମ୍ଭୀର ଛୁଆକୁ ଗୋରୀ ରହୁଥିବା ପୋଖରୀ ପାଖରେ ଅନ୍ୟ ଏକ ଆବଦ୍ଧ ପୋଖରୀରେ ରଖାଯାଇଥିଲା। କମ ସଫା ଦିଶୁଥିବା କୁମ୍ଭୀର ଛୁଆକୁ ଶୁଆ ଯୋର ନିକଟ କ୍ରିକ୍‌ରେ ଛାଡ଼ି ଦିଆଯାଇଥିଲା। ଆବଦ୍ଧ ପୋଖରୀ ମଧ୍ୟରେ ଥିବା ଧଳା କୁମ୍ଭୀର ଛୁଆକୁ ଉପରିସ୍ଥ ଅଧିକାରୀମାନେ ଦେଖି ତା'ର ନାମ ମଲ୍ଲୀ ରଖିଥିଲେ। ମଲ୍ଲୀ ଫୁଲ ଧଳା ରଙ୍ଗର ହୋଇଥିବାରୁ କୁମ୍ଭୀରର ନାମ ରଖାଯାଇଥିଲା। ମଲ୍ଲୀ ଗୋରୀ ଠାରୁ ଅଧିକ ସଫା ଓ ଗୋରା ଦିଶୁଥିବାରୁ ଦୁଇ ଦଶନ୍ଧି ହେଲା ପର୍ଯ୍ୟଟକମାନେ ଗୋରୀ ଅପେକ୍ଷା ଏବେ ମଲ୍ଲୀକୁ ଦେଖିବାକୁ ଭିଡ ଜମାଉଛନ୍ତି। ମଲ୍ଲୀ ୫୦ ଡିସିମିଲ ବିଶିଷ୍ଟ ଆବଦ୍ଧ ପୋଖରୀରେ ଜୀବନ ବିତାଉଛି। ଏହି ପୋଖରୀକୁ ଭିତରକନିକା ନଈ ସହିତ ସଂଯୋଗ କରାଯାଇଛି। ନଈର



ଜୁଆର ସମୟରେ ଜୁଆର ପାଣି ଏହି ପୋଖରୀ ମଧ୍ୟକୁ ଆସିଥାଏ। ଜୁଆର ସହିତ ମାଛ ମଧ୍ୟ ପୋଖରୀକୁ ଆସିଥାନ୍ତି। ମଲ୍ଲୀ ଚଳିତବର୍ଷ ଜାଗା ଚିହ୍ନଟ କରି ଅଣ୍ଡା ଦେଇଛି। ଆବଦ୍ଧ ପୋଖରୀର ଉଚ୍ଚା ସ୍ଥାନରେ କାଠି, କୁଟା ଓ ଖରଖରି ପତ୍ର ଠୁଳ କରି ବସା ବାନ୍ଧିବା ସହ ଅଣ୍ଡା ଦେଇ ବସାକୁ ଜଗି ରହିଛି। ଏଥିପାଇଁ ୭ରୁ ୮ ଦିନ ହେଲା ମଲ୍ଲୀ ଅସ୍ୱାଭିକ ଆଚରଣ କରୁଛି। ପୂର୍ବରୁ ତାକୁ ଖାଇବାକୁ ଦେଉଥିବା ବନ କର୍ମଚାରୀ ପୂର୍ବରୁ ତା' ପୋଖରୀ ନିକଟରେ ପହଞ୍ଚି ମଲ୍ଲୀ ନାଁ ଧରି ଡାକି ଦେଲେ ଖାଇବା ପାଇଁ ଦୌଡି ଆସୁଥିଲା। କିନ୍ତୁ ମଲ୍ଲୀର ଏପରି ଅସ୍ୱାଭାବିକ ବ୍ୟବହାର ବନ କର୍ମଚାରୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି।

ମଲ୍ଲୀ ୨୦୧୮ ମସିହାରେ ପ୍ରଥମ ଥର ପାଇଁ ୧୮ଟି ଅଣ୍ଡା ଦେଇଥିଲା। ପୁରୁଷ କୁମ୍ଭୀର ସହ ମଲ୍ଲୀ ମିଳନ ପ୍ରକ୍ରିୟାରେ ସାମିଲ ହୋଇ ନ ଥିବାରୁ ସେ ଅଣ୍ଡାରୁ ଛୁଆ ବାହାରି ନ ଥିଲା। ୨୦୧୯ରେ ୨୪ଟି, ୨୦୨୦ରେ ୧୮ଟି, ୨୦୨୧ରେ ୨୭ଟି, ୨୦୨୨ରେ ୨୯ଟି, ୨୦୨୩ରେ ୨୩ଟି ଅଣ୍ଡା ଦେଇଥିଲେ ମଧ୍ୟ ସେ ଅଣ୍ଡାରୁ ଛୁଆ ବାହାରି ନ ଥିଲେ। ଚଳିତବର୍ଷ ମଧ୍ୟ ମଲ୍ଲୀ ବସା କରି ଅଣ୍ଡା ଦେଇଛି। ମଲ୍ଲୀ ଅଣ୍ଡା ଦେଇ, ଅନ୍ୟ କୁମ୍ଭୀରଙ୍କ ପରି ଅଣ୍ଡାକୁ ଜଗି ରହିଛି। ମାତ୍ର ପୁରୁଷ କୁମ୍ଭୀର ସହ ମିଳନ ହୋଇ ନ ଥିବାରୁ ମଲ୍ଲୀ ଦେଇଥିବା ଅଣ୍ଡାରୁ କ'ଣ ଛୁଆ ବାହାରିବ ଓ ମଲ୍ଲୀ ମା' ହୋଇପାରିବ। ତାହାକୁ ନେଇ ପ୍ରଶ୍ନ ଉଠିଛି। ପୁରୁଷ କୁମ୍ଭୀର ସହିତ ମଲ୍ଲୀର ମିଳନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଓ ମଲ୍ଲୀ ଆବଦ୍ଧ ପୋଖରୀ ମଧ୍ୟରେ ନିଃସଙ୍ଗ ଜୀବନ ବିତାଉଥିବାରୁ ସେ ଅଣ୍ଡା ଦେଇଥିଲେ ବି ମା' ହେବ କି ନାହିଁ, ଆଶଙ୍କା ରହିଛି। ଭାରତର ଦ୍ୱିତୀୟ ଧଳା କୁମ୍ଭୀର ମଲ୍ଲୀ ମା' ହେବ ନା ଗୋରୀ ପରି ମାତୃତ୍ୱରୁ ବଞ୍ଚିତ ରହିବ, ସେ ନେଇ ବନ ବିଭାଗ ବିଚାର ବିମର୍ଶ କରିବା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ମଲ୍ଲୀ ପାଇଁ ଉପଯୁକ୍ତ ସାଥୀ ବାଛିବା ପାଇଁ କୁମ୍ଭୀର ବିଶାରଦଙ୍କ ସହ ବିଚାର ବିମର୍ଶ ଜାରି ରହିଛି ବୋଲି ସେ କହିଛନ୍ତି।

## ବାନାମ୍ବର, ରାମମନ୍ଦିର ଘାଟରୁ ଜଳଭାର ଉଠାଇଲେ କାଉଡ଼ିଆ



ରଘୁନାଥପୁର,୨୮।୭ (ରାଜେନ୍ଦ୍ର ନାରାୟଣ ସିଂହ)

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ରଘୁନାଥପୁର ବ୍ଲକ ତାରପୁର ବାନାମ୍ବର ଓ ରାମମନ୍ଦିର ସ୍ଥିତ ମହାନଦୀ ଘାଟରୁ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ କଳସରେ ପାଣି ନେଇ ଯାତ୍ରା ଆରମ୍ଭ କରିଛନ୍ତି। ମଧ୍ୟାହ୍ନରୁ ଘାଟରେ ମାନସିକଧାରୀଙ୍କ ଗହଳ ଚହଳ ଆରମ୍ଭ ହୋଇଯାଇଥିଲା। କାଉଡ଼ିଆମାନେ ନଦୀରୁ ପୂର୍ଣ୍ଣକୁମ୍ଭ ପାଣି ଉଠାଇ ପୂଜାର୍ଚ୍ଚନା ପରେ ନିଜର ଗନ୍ତବ୍ୟ ପଥରେ ଆଗେଇ ଯାଇଥିଲେ। ଏଠାରୁ ପାଣି ଉଠାଇ କାଉଡ଼ିଆମାନେ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ନୀଳକଣ୍ଠେଶ୍ୱର,ସର୍ପେଶ୍ୱର, ରୁଦ୍ରେଶ୍ୱର ଓ ଅନ୍ୟାନ୍ୟ ଶିବ ମନ୍ଦିରକୁ ଯାତ୍ରା କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ରଘୁନାଥପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ସେହିପରି ଅଘଟଣ ଏଡାଇବା ପାଇଁ ଦମକଳବାହିନୀ ନଦୀ ଘାଟରେ ନିୟୋଜିତ ଥିଲେ। ସ୍ଥାନୀୟ ଗ୍ରାମବାସୀ ନଦୀଘାଟରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଟ୍ଟାମୁଣ୍ଡାଇ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି ଜାଲିଆତି ଅଭିଯୋଗ

କେନ୍ଦ୍ରାପଡ଼ା, ୨୮।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟରେ ଜମି କିଣାବିକାରେ ଜାଲିଆତି କରାଯାଇ ରେକର୍ଡ ଓ ନକ୍‌ସା ପ୍ରସ୍ତୁତ କରି ସ୍କାନିଂରେ ହେରଫେର କରାଯାଇଛି ବୋଲି ବିକ୍ରେତା ଜମି ମାଲିକ ଦୋସିଆ ଗ୍ରାମର ମହେଶ୍ୱର ସ୍ୱାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସଚିବ, କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି ଓ ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

ମହେଶ୍ୱରଙ୍କ ଅଭିଯୋଗ ମୁତାବକ, ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାକୁ ଲାଗିଥିବା ବସୁଦେବପୁର ମୌଜାର ଖାତା ନଂ.୧୯୧/୭୫, ପ୍ଲଟ ନଂ.୭୫ର ପଛ ପାର୍ଶ୍ୱରୁ ୬ ଡିସିମିଲ ଜାଗା ୨୦୨୪ ଫେବୃଆରୀ ୨୮ରେ ପଟ୍ଟାମୁଣ୍ଡାଇ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ବୈକୁଣ୍ଠ ନାଥ ସ୍ୱାଇଁଙ୍କୁ ବିକ୍ରି ପଟ୍ଟା କରାଯାଇଥିଲା। ମାତ୍ର ଉକ୍ତ ପ୍ଲଟକୁ ଲାଗିଥିବା ଅନ୍ୟ ଜାଗାକୁ ଚଳିତ ମାସ ୪ ତାରିଖରେ ମାପଚୁପ କରିବା ସମୟରେ ଜଣେ ବ୍ୟକ୍ତି ଆସି ଉକ୍ତ ପ୍ଲଟ ମୋର ବୋଲି ଧମକ ଦେଇ ଗାଳିଗୁଲଜ କରି ପଳାଇଥିଲେ।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ସନ୍ଦେହରେ ପଟ୍ଟାମୁଣ୍ଡାଇ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରୁ ଅବିକଳ ନକଲ ମାଗିବାରୁ ଜଣାପଡିଥିଲା ଯେ, ବିକ୍ରି କରାଯାଇଥିବା ଜମିର କାଗଜପତ୍ର ବଦଳାଯାଇଛି। ଅନ୍ୟପକ୍ଷରେ ବିକ୍ରି ହେବାବେଳେ ସମସ୍ତ କାଗଜପତ୍ର ଓ ନକ୍‌ସାର ଫଟୋ ଥିବାରୁ ସାର୍ଟିଫାଏ ନକଲ ମଧ୍ୟରେ ଅନ୍ତର ଦେଖି ଏଠାରେ ଜାଲିଆତି ହୋଇଛି ବୋଲି ଜଣାପଡିଥିଲା। ଏ ନେଇ ସବ୍‌ରେଜିଷ୍ଟ୍ରାର ଅଫିସରେ ଅଭିଯୋଗ କରିବା ସହିତ ଜମି ବିକ୍ରି ବେଳର କାଗଜପତ୍ର କିଏ ବଦଳ କଲା ବୋଲି ପ୍ରଶ୍ନ କରିବାରୁ କୌଣସି ସୁଫଳ ମିଳିପାରିଲା ନାହିଁ। କାର୍ଯ୍ୟାଳୟରେ ଜମିକିଣା ବିକାରେ ଜାଲିଆତି କରାଯାଇ ରେକର୍ଡ ଓ ନକ୍‌ସା ପ୍ରସ୍ତୁତ କରି ସ୍କାନିଂରେ ହେରଫେର କରାଯିବା ସହ ଦସ୍ତଖତ ଜାଲିଆତି କରାଯାଇଛି ବୋଲି ବିକ୍ରେତା ସ୍ୱାଇଁ କହିଥିଲେ। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ଉପନିବନ୍ଧକ ଅଶୋକ ମହାନ୍ତିଙ୍କୁ ପଚାରିବାରେ ଅଭିଯୋଗ ଆସିଛି, ତଦନ୍ତ ପାଇଁ ନୋଟିସ୍ କରାଯାଇଛି ବୋଲି ସେ କହିଛନ୍ତି।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ଡେରାବିଶ, ୨୮। ୭ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ନରସିଂହପୁର ଗ୍ରାମରେ ରବିବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ଗ୍ରାମର ଶୁକଦେବ ରାଉତ। ଶୁକଦେବ ଅପରାହ୍ନ ୫ଟାରେ ବିଲରେ ଚାଷ କାର୍ଯ୍ୟ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ଶୁକଦେବଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଛନ୍ତି। ତେବେ ଶୁକଦେବ ଜଣେ ସଫଳ ଚାଷୀ ଭାବେ ଅଞ୍ଚଳରେ ଜଣାଶୁଣା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ସୁଧୀର ଖଟୁଆ, ସମିତିସଭ୍ୟ ଅନନ୍ତ ପ୍ରସାଦ ଜେନା, ରତ୍ନାକର ରାଉତ ପ୍ରମୁଖ ଘରକୁ ଯାଇ ସମବେଦନା ଜଣାଇଛନ୍ତି।

## କ୍ୟାନ୍ସର ପୀଡ଼ିତାଙ୍କୁ ସହାୟତା

ପଟ୍ଟାମୁଣ୍ଡାଇ,୨୮।୭ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଭାଜପା ସଭାପତି ସ୍ୱାଗତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତାମାନେ ସ୍ଥାନୀୟ ଗୋପ୍ତିରା ଗ୍ରାମର ଗରିବ କ୍ୟାନ୍ସର ପୀଡିତା ସରସ୍ୱତୀ ବାୟୀଙ୍କୁ ସହାୟତା ଯୋଗାଇ ଦେଇଛନ୍ତି। ଏଥିସହ ଅଧିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବେ ବୋଲି କହିଛନ୍ତି। ତାଙ୍କ ସହ ବରିଷ୍ଠ ନେତା ସୋମନାଥ ସତପଥୀ, ଶୁଭେନ୍ଦୁ ଦାଶ, ରାକେଶ ନାୟକ, ପ୍ରସନ୍ନ ମହାକୁଡ, କୃଷ୍ଣଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହିଥିଲେ।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତୁ



@ କରନ



@ ଲିପୁ



@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଜାର କମିଟି ପକ୍ଷରୁ ଚାରା ରୋପଣ

ଚଣ୍ଡିଖୋଲ,୨୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁରସ୍ଥିତ ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ବଜାରରେ ନୂତନ ଭାବେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ଫୁଲ ଚାରା ଲଗାଯାଇଥିଲା। ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାସ ଦାଶ, ସରୋଜ କୁମାର ସିଂହ ଓ ଅନିରୁଦ୍ଧ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଜାତୀୟ ରାଜପଥ ସମ୍ପ୍ରସାରଣ ନୋଟିସକୁ ବିରୋଧ

ପାରାଦୀପ,୨୮।୭(ଶରତ ରାଉତ)

### ଉଚ୍ଛେଦ ବଦଳରେ ଯୋଜନା ପରିବର୍ତ୍ତନ ପାଇଁ ଦାବି

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମାର୍ଚ୍ଚ ୪ରେ ଘୋଷଣା କରିଥିଲେ। ଏହି କ୍ରମରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପାରାଦୀପର ଦୋଛକିଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାଜପଥ ପାଖରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ, ଘର ଉଚ୍ଛେଦ ପାଇଁ ନୋଟିସ୍ ଜାରି କରିଛନ୍ତି। ଉକ୍ତ ନୋଟିସ୍ ବିରୋଧରେ ରବିବାର ଦୋଛକିଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତା ପାଖ ବାସିନ୍ଦା, ଖୁଚୁରା ବ୍ୟବସାୟୀ ଓ ବ୍ୟବସାୟ ଅନୁଷ୍ଠାନ ମିଳିତ ଭାବେ ଖବରଦାତା ସମ୍ମିଳନୀ କରି ଗଣମାଧ୍ୟମ ଆଗରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରହ୍ଲାଦ ଚନ୍ଦ୍ର ସାହୁ, ଅରୁଣ କୁମାର ଲେଙ୍କା, ପ୍ରବୋଧ କୁମାର ଦାସ, ଭବଦ୍ୟୁତି ସାହୁ, ନୃସିଂହ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବିସ୍ତୃତ ସୂଚନା ଦେଇଛନ୍ତି।

ସେମାନେ କହିଛନ୍ତି, ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ସରକାରୀ ଜାଗାରେ ୭ ମିଟର ବିଶିଷ୍ଟ ୪ ଲେନ୍ ରାସ୍ତା ହୋଇସାରିଛି। ଏହାପରେ ପୁଣି ରାସ୍ତା ସମ୍ପ୍ରସାରଣ କରିବା ପାଇଁ ୩୦ ମିଟର (୧୦୦ଫୁଟ)ଜାଗା ଅଧିଗ୍ରହଣ ଲାଗି ନୋଟିସ ଜାରି କରାଯାଇଛି। ପ୍ରସ୍ତାବିତ ଅଧିଗ୍ରହଣ ଜାଗାରେ ଲୋକଙ୍କ ବ୍ୟକ୍ତିଗତ କୋଠାବାଡ଼ି, ବ୍ୟବସାୟ ରହିଛି। ଉକ୍ତ ଜାଗାର ସମସ୍ତ ରାଜସ୍ୱ ରେକର୍ଡ ମଧ୍ୟ ଆମ ପାଖରେ ଅଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜାଗା ୨୦୦୮/୯ ମସିହାରେ ନେଇ ସାରିଛନ୍ତି। ଏବେ ଲୋକଙ୍କ ସ୍ଥାୟୀ ବାସସ୍ଥାନ ଭାଙ୍ଗିବା ବଦଳରେ ସରକାର ବିକଳ୍ପ ପନ୍ଥା ଅବଲମ୍ବନ କରନ୍ତୁ। ଯଥା ତାଳଦଣ୍ଡା କେନାଲର ଉତ୍ତର ପାର୍ଶ୍ୱରେ ପ୍ରାୟ ୪୦୦ ଫୁଟ ସରକାରୀ ଜାଗା ରହିଛି। ସରକାର ତାଙ୍କ ପ୍ଲାନ ପରିବର୍ତ୍ତନ କରି ସେହି ଜାଗାରେ ରାସ୍ତା ଓ ଫ୍ଲାଏଓଭର କଲେ ଜନବସତି ରହିପାରିବ। ଏଥିସହ ୧୬୦ ଫୁଟ ପ୍ରସ୍ତର ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରେ କଂକ୍ରିଟ ୱାଲ କରି କିଛି ଜାଗା ବାହାର କରାଯାଇପାରିବ। ଏ ନେଇ ସେମାନେ ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ ଅଫିସରେ ସମସ୍ତ ରେକର୍ଡ ଓ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ନିଷ୍ପତ୍ତି ସରକାରୀସ୍ତରରେ ନିଆଯିବାର ପ୍ରାବଧାନ ଥିବାରୁ ଗଣମାଧ୍ୟମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ବୋଲି ମିଳିତ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ (ଚଣ୍ଡିଖୋଲ)ଜେ ପି ବର୍ମାଙ୍କୁ ପଚାରିଲେ କୁହନ୍ତି, ଜାଗା ସମ୍ପର୍କରେ ରେଭିନ୍ୟୁ ଅଥରିଟି ନିଷ୍ପତ୍ତି ନେବେ।




ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଅଧିବାସୀ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଉଛନ୍ତି।

## ମାଛ ବ୍ୟବସାୟୀଙ୍କ କବଳରେ ସଂରକ୍ଷିତ ଜଙ୍ଗଲ

କେନ୍ଦ୍ରାପଡ଼ା, ୨୮।୭ (ଜଗନ୍ନାଥ ଧଳ)

- କାଂସପାଳ ମାଛ ରପ୍ତାନିର ମୁଖ୍ୟସ୍ଥଳ
- ଆଭ୍ୟନ୍ତର ଅଞ୍ଚଳରେ ପିରାନା, ଚିଙ୍ଗୁଡ଼ି ଚାଷ

ଜୈବ ବିବିଧତାଭରା ଜାତୀୟ ଉଦ୍ୟାନ ଭିତରକନିକା ଏବେ ନିଜର ମାନ ହରାଉଛି। ତଟକ୍ଷୟ, ଜଙ୍ଗଲ ଜମି ସମସ୍ୟା ଥିବାବେଳେ ସାମୁଦ୍ରିକ ଓ ଆଭ୍ୟନ୍ତର ଅଞ୍ଚଳ ଉପରେ ମାଛ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତ କାଂସପାଳ ନିକଟ ଗୋବରୀ ନଦୀ ଏବେ ମାଛ ରପ୍ତାନିର ମୁଖ୍ୟସ୍ଥଳ ପାଲଟିଛି। ସେହିପରି ଆଭ୍ୟନ୍ତର ଅଞ୍ଚଳରେ ବେଆଇନ ଭାବେ ଚିଙ୍ଗୁଡ଼ି ଓ ପିରାନା ପ୍ରଜାତିର ଚାଷକୁ ରୋକାଯାଇ ପାରୁନାହିଁ। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମାଛ ବ୍ୟବସାୟୀଙ୍କ ନଜର ପଡ଼ିବାରୁ ସାମୁଦ୍ରିକ ଓ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, କାଂସପାଳ ଫେରିଘାଟରୁ ପ୍ରତ୍ୟହ ଲକ୍ଷାଧିକ ଟଙ୍କାର ମାଛ କୋଲକାତା ଚାଲାଣ ହେଉଛି। କୋଲକାତା, ବାଲେଶ୍ୱର ଓ ଅନ୍ୟ ସ୍ଥାନର ଟ୍ରଲର ଏହି ମାଛ ରପ୍ତାନିରେ ବ୍ୟବହାର ହେଉଛି। ଏହି ଟ୍ରଲର ପାଇଁ ଗୋବରୀ ନଦୀ କୂଳ ଅତଡା ଖସୁଥିବାବେଳେ ଲୁଣା ଜଙ୍ଗଲକୁ ଧ୍ୱଂସ କରୁଛି। ଜମ୍ବୁ ବନାଞ୍ଚଳରୁ ମାତ୍ର ୫ କିଲୋମିଟର ଏହି ସ୍ଥାନ ହୋଇଥିବାବେଳେ ମେରାଇନ ଥାନାଠାରୁ ଦୂରତା ମାତ୍ର ୫.୫ କିଲୋମିଟର। ତନ୍ତିଆପାଳର ରମେଶ ସେଠୀ କହିଛନ୍ତି, ଜମ୍ବୁ ଲକ୍‌ଠାରେ ଏକ ଜେଟି ଅଛି। ଏଠାରେ ମଧ୍ୟ ଏହି ବ୍ୟବସାୟ ଚାଲିଛି। ତେବେ ବଡ଼ କଥା ହେଉଛି ଯେ ନିଷିଦ୍ଧାଞ୍ଚଳରେ ବଡ଼ ବଡ଼ ଟ୍ରଲର ଚାଲୁଥିଲେ ମଧ୍ୟ ଏହାର ଗତିକୁ ଅତିକ୍ରମ ପାଇଁ ବନ ବିଭାଗ, ସାମୁଦ୍ରିକ ଥାନାର ଆବଶ୍ୟକ ସ୍ପିଡ ବୋଟ ନାହିଁ। ରାଜନଗରର ପ୍ରତ୍ୟୁଷ କୁମାର ନାୟକ କହିଛନ୍ତି, ଭିତରକନିକାର ପରିବେଶକୁ ବନ ବିଭାଗର କର୍ମଚାରୀ ବେଶି ପରିମାଣରେ କ୍ଷତି କରୁଛନ୍ତି। ତଟାଞ୍ଚଳରେ ଚିଙ୍ଗୁଡି ଘେରି ସହ ପିରାନା ପ୍ରଜାତିର ମାଛ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଏପରି କି ଏ ପ୍ରକାର ମାଛଚାଷୀ ଓ ବ୍ୟବସାୟୀଙ୍କ ଭାଗୀଦାରି ହୋଇଛନ୍ତି। ନିଷିଦ୍ଧାଞ୍ଚଳରେ ଆବଶ୍ୟକ ପଦକ୍ଷେପ ନିଆ ଯାଉ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅଶୋକ କୁମାର ସାମଲ କହିଛନ୍ତି, ଭିତରକନିକାର ପରିବେଶ ସୁରକ୍ଷା ଏବେ ଅଣାୟତ୍ତ ହୋଇଛି। ଚିଙ୍ଗୁଡ଼ି ଘେରି ବଢ଼ି ଚାଲିଥିବାବେଳେ ୫ ବର୍ଷ ଧରି ରୁପଚାନ୍ଦି ମାଛ ଚାଷ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହେଉଛି। ଜାତୀୟ ଉଦ୍ୟାନର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନାଳ ଓ ପୋଖରୀରେ ମାଛଚାଷ ହେଉଥିବା ଯୋଗୁ ପରିବେଶ ସନ୍ତୁଳନ ରହିପାରୁନାହିଁ। ଜାତୀୟ ଉଦ୍ୟାନର ସୁଦୀର୍ଘ ଘଞ୍ଚ ଜଙ୍ଗଲ, ପଶୁପକ୍ଷୀ, ସାମୁଦ୍ରିକ ତଟାଞ୍ଚଳର ପରିବେଶ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏଥିସହ ଅଲିଭ୍‌ରିଡ୍‌ଲେଙ୍କ ଅନ୍ତୁଡିଶାଳ, ବଉଳା କୁମ୍ଭୀର, ଡଲଫିନ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏପରିସ୍ଥଳେ ଚିଙ୍ଗୁଡି ଘେରି ଓ ପିରାନା ପ୍ରଜାତିର ମାଛ ଚାଷ ଫଳରେ ମାଛ ବ୍ୟବସାୟୀଙ୍କ କବଳକୁ ଜଙ୍ଗଲ ଚାଲି ଯାଉଛି। ସାମାଜିକ କର୍ମୀ ମହେଶ କୁମାର ପାଢ଼ି କହିଛନ୍ତି, ଭିତରକନିକାର ସୁରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଭିନ୍ନ ସମୟରେ ଜନସ୍ୱାର୍ଥ ମାମଲା ରୁଜୁ ହେଉଛି। ଏଥିପାଇଁ ଜାତୀୟ ଉଦ୍ୟାନ ଓ ଆଖପାଖ ଅଞ୍ଚଳରେ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାଛ ଚାଷ ଫଳରେ ଏହାର ବିଷାକ୍ତ ବର୍ଜ୍ୟବସ୍ତୁ ଜଙ୍ଗଲକୁ ଧ୍ୱଂସ କରୁଛି। ପରିବେଶବିତ୍ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲ ଜମି ସ୍ଥାନୀୟ ରାଜନେତାଙ୍କ ଭୋଟବ୍ୟାଙ୍କ ସାଜିଛି। ଅନୁପ୍ରବେଶକାରୀ ଏହି ଜମିକୁ ଜବରଦଖଲ କରି ରହିବା ସହିତ ମାଛ ଚାଷ, ପ୍ରାଣୀ ଓ ପକ୍ଷୀଙ୍କ ଶିକାର ସହ ଗଛ ନଷ୍ଟ କରୁଛନ୍ତି। ଅନୁପ୍ରବେଶକାରୀଙ୍କୁ ରୋକା ନ ଗଲେ ଭିତରକନିକା ଶ୍ରୀହୀନ ହୋଇଯିବ। ଏ ସମ୍ପର୍କରେ ରେଞ୍ଜର ଦେବାଶିଷ ଭୋଇଙ୍କୁ ପଚାରିବାରେ ଭିତରକନିକାକୁ ଅବାଧ ପ୍ରବେଶ ନିଷେଧ ହୋଇଛି। ଏଠାରେ ଥିବା ଚିଙ୍ଗୁଡ଼ି ଘେରିକୁ ଜିଲା ପ୍ରଶାସନ ସହାୟତାରେ ଭଙ୍ଗାଯାଉଛି। ନିଷିଦ୍ଧାଞ୍ଚଳରେ ମାଛ ଚାଷ ପାଇଁ ଅନୁମତି ଦିଆଯାଇ ନ ଥିବା ସେ କହିଛନ୍ତି।



ଭିତରକନିକା ଅନ୍ତର୍ଗତ ଜଗଯୋରିରୁ ମତ୍ସ୍ୟଜୀବୀମାନେ ରୁପଚାନ୍ଦି ମାଛ ଧରୁଛନ୍ତି।

# ନୟାଗଡ଼ ଜିଲାରେ ଆଳୁ ଦର ନିୟନ୍ତ୍ରଣରେ ରହୁନି


ଟ୍ରକ୍‌ରେ ଆସିଥିବା ଆଳୁକୁ ଯୋଗାଣ ବିଭାଗର ଅଧିକାରୀମାନେ ତନଖି କରୁଛନ୍ତି।

- ହୋଲସେଲର, ଖୁଚୁରା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ
- ଜିଲା ମୁଖ୍ୟାଳୟରେ ୪୦ ଓ ଗ୍ରାମାଞ୍ଚଳରେ ୫୦ ଟଙ୍କା
- ପନିପରିବା ଦୋକାନରେ ଝୁଲୁନି ଦର ତାଲିକା
- ବର୍ଦ୍ଧିତ ଆଳୁ ଦରକୁ ଲୋକ ଦେଖାଣିଆ ଚଢ଼ାଉ ରୋକିପାରୁନି

ନୟାଗଡ଼,୨୮।୭ (ଲୋକନାଥ ମିଶ୍ର)

ଆଳୁ ଦର ହ୍ରାସ ପାଇଛି ବୋଲି କୁହା ଯାଉଥିବାବେଳେ ଖାଉଟି କେତେ ଟଙ୍କାରେ ଆଳୁ କିଣୁଛନ୍ତି ଗ୍ରାଉଣ୍ଡ ଜିରୋକୁ ଅନୁଧ୍ୟାନ କରାଯାଉନି। ନୟାଗଡ଼ ଜିଲା ସଦର ମହକୁମାରେ ଆଳୁର ଦର ରବିବାର କେଜି ପିଛା ୪୦ ଟଙ୍କା ରହିଥିବାବେଳେ ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳ ବଜାରରେ ୫୦ ଟଙ୍କା ରହିଛି। ଏଭଳିଆ ଅଭିଯୋଗ ଖାଉଟିଙ୍କଠାରୁ ଆସୁଥିବାବେଳେ ଆଳୁ ଦର କିପରି ହ୍ରାସ ହେଲା ସେନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ଜିଲା ସଦର ମହକୁମାରେ ଆଳୁ ହୋଲସେଲର ଓ ଖୁଚରା ବ୍ୟବସାୟୀ ଠକି ଚାଲିଥିବା ପରି ଅଭିଯୋଗ ମିଳୁଛି। ହୋଲସେଲର ଓ ଖୁଚରା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଆଳୁ ପରି ପନିପରିବା ଦର ହ୍ରାସ ପାଇବାର ନାଁ ଧରୁନି ବୋଲି କୁହାଯାଉଛି। ପନି ପରିବା ଦୋକାନରେ ଓ ପନିପରିବାର ହୋଲସେଲରେ ପରିବା ଦର ତାଲିକା ଝୁଲା ଯାଉନି। ଦର ତାଲିକା ଝୁଲାଇବା ବାଧ୍ୟତାମୂଳକ ଥିବାବେଳେ କାହିଁକି ଲାଗୁ ନାହିଁ ସେନେଇ ତଦନ୍ତ କି ପଦକ୍ଷେପ ନିଆଯାଉନାହିଁ। ପୁଣି ହୋଲସେଲରମାନେ ଆଳୁର ୱେ ବିଲ୍ ଦେଖାଉ ନାହାନ୍ତି। ଏଣୁ ଆଳୁରେ ଖାଉଟିଙ୍କଠାରୁ ହୋଲସେଲର ଓ ଖୁଚରା ବ୍ୟବସାୟୀ ଅଧିକ ଦର ନେଇ ଚାଲିଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ ଯୋଗାଣ ବିଭାଗର ଲୋକ ଦେଖାଣିଆ ଚଢ଼ାଉ ବର୍ଦ୍ଧିତ ଆଳୁ ଦରକୁ ରୋକିବାରେ ଅକ୍ଷମ ହୋଇଛି ବୋଲି ଅଭିଯୋଗ ଉଠିଛି। ଦୋକାନରେ ଆଳୁର ଦର ତାଲିକା ନ ଝୁଲିବା ଓ ହୋଲସେଲର ଦୋକାନୀ ୱେ ବିଲ ଦେଖାଉ ନ ଥିବା କଥାକୁ ଜିଲା ଯୋଗାଣ ଅଧିକାରୀ ସ୍ୱୀକାର କରିଛନ୍ତି।

ଗତ ୬ଦିନ ହେଲା ଆଳୁର ଦର ବେଲଗାମ ହୋଇଯାଇଛି। ପଶ୍ଚିମବଙ୍ଗ ସରକାର ଆଳୁ ଟ୍ରକ୍‌ଗୁଡ଼ିକୁ ଓଡ଼ିଶା ଆସିବା ଲାଗି ଅନୁମତି ଦେଉ ନ ଥିବାରୁ ରାଜ୍ୟରେ ଦର ବଢ଼ି ଚାଲିଛି ବୋଲି କୁହାଯାଉଛି। ଏଭଳିସ୍ଥଳେ ରାଜ୍ୟରେ ୭ରୁ ୮ ଦିନ ପାଇଁ ଆଳୁ ମହଜୁଦ୍ ଅଛି। ୩୨ଟଙ୍କାରୁ ଅଧିକ ଦରରେ ଦୋକାନୀମାନେ ଆଳୁ ବିକ୍ରି ନ କରିବାକୁ ଯୋଗାଣ ମନ୍ତ୍ରୀ ଶୁକ୍ରବାର ତାଗିଦ୍ କରିଥିଲେ। ମନ୍ତ୍ରୀଙ୍କ ତାଗିଦ୍ ସତ୍ତ୍ୱେ ନୟାଗଡ଼ରେ ରବିବାର ସକାଳେ ଆଳୁ କେଜି ପିଛା ୬୨ ଟଙ୍କାରେ ଓ ସନ୍ଧ୍ୟାରେ ୫୦ ଟଙ୍କା ବିକ୍ରି ହୋଇଥିଲା। ଆଳୁ ଆସିବା ପ୍ରକ୍ରିୟା ସ୍ୱାଭାବିକ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ନିଜ ସାମାଜିକ ଗଣମାଧ୍ୟମ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଏଭଳିସ୍ଥଳେ ଜିଲା ଯୋଗାଣ ବିଭାଗର ସୂଚନା ଅନୁସାରେ ୨ ପ୍ରକାରର ଆଳୁ ଆସିଛି। ୪୫ କେଜି ଆଳୁର ଦାମ ହୋଲସେଲ ଦର ୧୩୮୦ ଓ ୧୪୨୦ ଟଙ୍କା ନେବାକୁ କୁହାଯାଇଛି। ଖୁଚୁରା ବ୍ୟବସାୟୀ ଜିଲା ସଦର ମହକୁମାରେ ୪୦ ଟଙ୍କାରେ ଓ ଗ୍ରାମାଞ୍ଚଳରେ ୪୫ ଟଙ୍କାରେ ବିକ୍ରି କରିବାକୁ ନିର୍ଦ୍ଦେଶ ରହିଛି। ନୟାଗଡ଼ ଜିଲା ସଦର ମହକୁମା ରବିବାର ଆଳୁ କେଜି ୪୦ ଟଙ୍କା ବିକ୍ରି ହୋଇଥିବାବେଳେ ଗ୍ରାମଞ୍ଚଳରେ ଆଳୁ କେଜି ୫୦ ଟଙ୍କାରେ ବିକ୍ରି ହେଉଛି। ନୟାଗଡ ଜିଲା ସଦର ମହକୁମାରେ କିଛି ଦୋକାନରେ ଭଲ ଆଳୁ ଦର୍ଶାଇ ୪୫ ଟଙ୍କାରେ ବି ବିକ୍ରି ହୋଇଛି। ଅନ୍ୟପକ୍ଷେ ହୋଲସେଲରମାନେ ସରକାରୀ ଦରଠାରୁ ୧୦୦ ଟଙ୍କା ନେଉଥିବା ଅଭିଯୋଗ ଉଠିଛି। ଏ ନେଇ ନୟାଗଡ଼ର ସୁଦାମ ସ୍ୱାଇଁ କହିଛନ୍ତି, ୨ ପ୍ରକାରର ୨ଟି ଆଳୁ ବସ୍ତା ରବିବାର ଅପରାହ୍ଣରେ କିଣିଛି। ୧୩୮୦ ଟଙ୍କାର ଆଳୁ ୧୪୮୦ ଟଙ୍କାରେ ଓ ୧୪୨୦ ଟଙ୍କାର ଆଳୁ ୧୫୨୦ ଟଙ୍କାରେ କିଣିଲି। ସରକାରୀ ଦର କହିବାରୁ ମନ ପାଇଲେ ନିଅ ନ ହେଲେ ଅନ୍ୟଠାରୁ କିଣ କହିବା ପରେ ବାଧ୍ୟ ହୋଇ କିଣିଲୁ। ଆମେ ୧୦ ଜଣ ଲୋକ ୨ ବସ୍ତା ଆଳୁ ଭାଗବାଣ୍ଟି ନେବା ପାଇଁ କିଣିଥିଲୁ। ଆରଏମ୍‌ସି ବଜାରରେ ସେମାନଙ୍କର ବ୍ୟବହାର ବି ଭଲ ନାହିଁ ବୋଲି କହିଛନ୍ତି। ରେଟ ଚାର୍ଟ କାହିଁକି ଝୁଲାଇ ନ ବୋଲି ପଚାରିବାରୁ ତୁମେ କିଏ ବୋଲି ପଚାରି ପୁଣି ବ୍ୟବହାର ଖରାପ କରିଥିଲେ। ଏଣୁ ଆମେ ନୀରବ ରହି ଆଳୁ କିଣି ଚାଲି ଆସିଲୁ ବୋଲି କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାରେ ଶନିବାର ୬୨ ଟଙ୍କାରେ ଆଳୁ ବିକ୍ରି ପରେ ଚଢ଼ାଉ କରାଯିବାରୁ ୫୦ ଟଙ୍କାରେ ବିକ୍ରି ହୋଇଥିଲା। ରବିବାର ପୁଣି ଚଢ଼ାଉ ପରେ ଆଳୁ କେଜି ପିଛା ୪୦ ଟଙ୍କାରେ ବିକ୍ରି ହୋଇଛି। ଗ୍ରାମାଞ୍ଚଳରେ କିଲୋ ପ୍ରତି ୪୫ଟଙ୍କାରେ ବିକ୍ରି କରିବା ସ୍ଥାନରେ ୫୦ରେ ବିକ୍ରି କରାଯାଉଥିବା ଜଣାପଡ଼ିଛି। ଏ ନେଇ ଯୋଗାଣ ବିଭାଗ ସୋମବାର ପଦକ୍ଷେପ ନେବ। ଅନ୍ୟପକ୍ଷେ ଆଳୁ ହୋଲସେଲର ବାହାନା ଦେଖାଇ ୱେ ବିଲ୍ ଦେଖାଉ ନାହାନ୍ତି। ଏଣୁ ଦର କିଣା ନେଇ ଯାଣି ହେଉନି। ସେହିପରି ଦର ତାଲିକା ପ୍ରତି ଦୋକାନରେ ଝୁଲାଇବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ଏଥିରେ ଅଣଦେଖା କରିଥିବାରୁ ଏହାକୁ ସୋମବାର କଡାକଡି ପାଳନ କରାଯିବ ବୋଲି କହିଛନ୍ତି।

# ଏପିଓ, ଏସିପିଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

## କ୍ୱାର୍ଟର୍ସ ଜବରଦଖଲ ଘଟଣାର ତଦନ୍ତ ନିର୍ଦ୍ଦେଶ

ନୟାଗଡ଼, ୨୮।୭(ଲୋକନାଥ ମିଶ୍ର)

ନୟାଗଡ଼ ସଦର ବ୍ଲକରେ କାର୍ଯ୍ୟରତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ପ୍ରୋଗ୍ରାମ କୋଡିନେଟର୍ ତଥା ଏପିଓ ଓ ଏସିପିଙ୍କ ନାଁରେ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ଆଇନଜୀବୀ ସୌମ୍ୟରଞ୍ଜନ ପ୍ରଧାନ ଅଭିଯୋଗ କରି ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ତେବେ କ୍ୱାର୍ଟର୍ସ ଜବରଦଖଲ ଘଟଣାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ୨ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଗତ ୨୪ ତାରିଖରେ ଚିଠି କରିଛନ୍ତି। ତେବେ ବ୍ଲକ ପକ୍ଷରୁ ତଦନ୍ତ ହୋଇ ନ ଥିବା କୁହାଯାଉଛି।

ଅଭିଯୋଗ ଅନୁସାରେ, ବ୍ଲକରେ କାର୍ଯ୍ୟରତ ଏପିଓ ବ୍ଲକର ଅନେକ ଅନିୟମିତତାରେ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। ନୟାଗଡ଼ ବିଡିଓ ଏବଂ ଜିଲା ପରିଷଦ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କୁ ସେ ନିୟମିତ ଭାବେ ମ୍ୟାନେଜ୍ କରି ୭ ବର୍ଷ ହେଲା ଗୋଟିଏ ସ୍ଥାନରେ ରହିଥିବା ଦର୍ଶାଯାଇଛି। ଏପିଓ ଜଣେ ଠିକା କର୍ମଚାରୀ ହୋଇଥିବା ବେଳେ ସେ ସରକାରୀ କ୍ୱାର୍ଟର୍ସ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲା ସଦର ମହକୁମାରେ ଅବସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ସରକାରୀ କର୍ମଚାରୀ ସିଟ ପାଉ ନ ଥିବା ବେଳେ ଏପିଓଙ୍କ ପିଲାମାନଙ୍କୁ କିଭଳି ସିଟ୍ ମିଳିଲା ତାହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ଆଇନଜୀବୀ ପ୍ରଧାନ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକରେ କାର୍ଯ୍ୟରତ ଏସିପି ମଧ୍ୟ ସରକାରୀ କ୍ୱାର୍ଟର୍ସରେ ରହୁଥିବା ଅନୁରୂପ ଅଭିଯୋଗ ହୋଇଛି।

# ସ୍କୁଲ ଖେଳପଡିଆ, ରାସ୍ତା ପାର୍ଶ୍ୱ ଭାରିଯାନ ପାର୍କିଂରୁ ଟ୍ରାଫିକ୍ ସମସ୍ୟା



ରାସ୍ତା କଡ଼ରେ ଗାଡି ଧୁଆ ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

ଖଣ୍ଡପଡା,୨୮।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ବିଦ୍ୟାଳୟ କ୍ରୀଡାଙ୍ଗନ ପାଲଟିଛି ଭାରିଯାନ ପାର୍କିଂ ସ୍ଥଳ। ମାସ ମାସ ଧରି ଭାରିଯାନଗୁଡିକ ଖେଳପଡିଆରେ ରହୁଥିବାରୁ ଛାତ୍ରୀଛାତ୍ରମାନଙ୍କ ଖେଳକୁଦରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ବିଦ୍ୟାଳୟ ସଂଲଗ୍ନରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁମାନେ ପାଠ ପଢିବାକୁ ଯାଉଛନ୍ତି। ବିଦ୍ୟାଳୟ ସମ୍ମୁଖରେ ଥିବା ଏହି ଖେଳପଡିଆ ଦେଇ ଭାରିଯାନଗୁଡିକ ଚଳାଚଳ କରୁଥିବାରୁ ପଡିଆ ସାରା ଖାଲଖମା ସୃଷ୍ଟି ହୋଇଛି। କିଛି ମାସ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ଖେଳପଡିଆ ପାର୍ଶ୍ୱରେ ନିର୍ମାଣ ହୋଇଥିବା ସିମେଣ୍ଟ କଂକ୍ରିଟ ରାସ୍ତାଟି ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାପଡିଛି। ସେହିପରି ସମ୍ପ୍ରତି ଶ୍ରାବଣ ମାସର ପ୍ରତି ସୋମବାର ପାଇଁ ଶନିବାର ଓ ରବିବାରଠାରୁ ଜିଲା ତଥା ଜିଲା ବାହାରୁ ହଜାର ହଜାର କାଉଡିଆ ବିଭିନ୍ନ ଭାରିଯାନ, ହାଲକା ଯାନ ଓ ୩ ଚକିଆ ଯାନରେ କଣ୍ଟିଲୋ ଶ୍ରୀନୀଳମାଧବ ପୀଠସ୍ଥ ମହାନଦୀ ଘାଟରୁ ଜଳାଭାର ସଂଗ୍ରହ ନିମନ୍ତେ ଆସିଥାନ୍ତି। ଏତେ ସଂଖ୍ୟକ ଯାନବାହନ ଏବଂ ହଜାର ହଜାର ସଂଖ୍ୟକ କାଉଡିଆଙ୍କ ଗହଣରେ କଣ୍ଟିଲୋର ବିଭିନ୍ନ ରାସ୍ତା ବିଶେଷ କରି ରାଜ୍ୟ ରାଜପଥ ଲୋକାରଣ୍ୟ ହୋଇଯାଏ। ଏ ପରିପ୍ରେକ୍ଷିରେ ସମ୍ପୃକ୍ତ ଯାନାବାହନଗୁଡିକ ରାସ୍ତା ଘାଟରେ ପାର୍କିଂ କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥାନ୍ତି। ଏ ଦିଗରେ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଖେଳପଡିଆ ପରିସରରୁ ଭାରିଯାନଗୁଡିକୁ ହଟାଇ ଦେବାକୁ ପ୍ରଶାସନ ଓ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜିତୁ


@ କରନ


@ ଲିପୁ


@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡପଡ଼ା ବ୍ଲକରେ ଖାଲିପଡିଛି ଏବିଡିଓ ପଦବୀ

ଖଣ୍ଡପଡ଼ା,୨୮।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ଏବିଡିଓ ଦୁର୍ଗା ମାଧବ ରଥ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ଏହି ପଦବୀଟି ଦୀର୍ଘବର୍ଷ ହେଲା ଖାଲିପଡିଛି। ଏହି ଅତିରିକ୍ତ ବିଡିଓ ପଦବୀରେ କାହାକୁ ନିଯୁକ୍ତି ମିଳିନାହିଁ। ଫଳରେ ବ୍ଲକ କାର୍ଯ୍ୟାଳୟ ସୁପରିଚାଳନାରେ ପ୍ରଶାସନିକ ସ୍ଥାଣୁତା ପରିଲକ୍ଷିତ ହେଉଛି। ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ଏଠାରେ ଏବିଡିଓ ଭାବେ ଅବସ୍ଥାପିତ କରିବାକୁ ସାଧାରଣରେ ଦାବି ହେଉଛି। ସେହିପରି ବ୍ଲକରେ କନିଷ୍ଠଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦଗୁଡିକ ଖାଲି ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡିକ ପୂରଣ ଦିଗରେ ନୟାଗଡ଼ ଜିଲା ପ୍ରଶାସନ ଓ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପଠାଣି ସାମନ୍ତ ମେଧା ସମ୍ମାନ ପ୍ରଦାନ


କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଖଣ୍ଡପଡା,୨୮।୭(ଅଜୟ କୁମାର ମହାରଣା)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳର ଶିକ୍ଷାନୁଷ୍ଠାନର ୧୪୦ରୁ ଉର୍ଦ୍ଧ୍ୱ ମେଧାବୀ ଛାତ୍ରୀଛାତ୍ରଙ୍କୁ ପଠାଣି ସାମନ୍ତ ମେଧା ସମ୍ମାନ ପ୍ରଦାନ କରାଯାଇଛି। ସ୍ୱାଭିମାନ ଫାଉଣ୍ଡେଶନ ପକ୍ଷରୁ ଖଣ୍ଡପଡାସ୍ଥିତ ଏକ ମଣ୍ଡପରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦେଇଥିଲେ। ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ରାଜ୍ୟ ଯୁବ ମୋର୍ଚ୍ଚା ଭାଜପା ସଭାପତି ଅଭିଲାଷ ପଣ୍ଡା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଗରେ ଉତ୍ସାହିତ କରିବା ଲକ୍ଷ୍ୟରେ ଏଭଳି ପ୍ରୟାସ କରାଯାଇଥିବା ସୂଚନା ଦେଇଥିଲେ। ଆଇନଜୀବୀ ମାଧବ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଲଳିତା କୁମାରୀ ଦାସ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବାପିନା ସାହୁ, ଗେଡିଆପଲ୍ଲୀ ସରପଞ୍ଚ ଅର୍ଜୁନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନାରେ ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଖଣ୍ଡପଡ଼ା,୨୮।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଞ୍ଚଳରେ ବାସଗୃହ ସମ୍ମୁଖରେ ବାଇକ୍ ପାର୍କିଂକୁ କେନ୍ଦ୍ରକରି ୨ଜଣ ଯୁବକଙ୍କ ଆକ୍ରମଣରେ ଇ-କାର୍ଡ ସାମଗ୍ରୀ ବିତରଣ କମ୍ପାନୀର ଜଣେ କର୍ମଚାରୀ ଲକ୍ଷ୍ମୀଧର ସାହୁ(୩୩) ଗୁରୁତର ଆହତ ହୋଇଛନ୍ତି। ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖଣ୍ଡପଡ଼ା ସହରର ୨ଜଣ ଯୁବକ ରବିବାର ଅପରାହ୍ଣରେ ତ୍ରିନାଥ ଛକଠାରେ ଲକ୍ଷ୍ମୀଧରଙ୍କୁ ଦେଖି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଲକ୍ଷ୍ମୀଧର ଏହାର ପ୍ରତିବାଦ କରିବାରୁ ଉକ୍ତ ୨ଯୁବକ ମିଳିତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଲକ୍ଷ୍ମୀଧରଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ରାସ୍ତା କାଦୁଅ, ଧାନ ତଳି ରୋଇଲେ ଗ୍ରାମବାସୀ


ଗାଁ ରାସ୍ତା କାଦୁଅ ହୋଇଥିବାରୁ ଗ୍ରାମବାସୀ ଧାନ ତଳି ରୋଉଛନ୍ତି।

ରଣପୁର,୨୮।୭ (ସୁକାନ୍ତ କିଶୋର ଡ଼ାକୁଆ)

ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କର ଗମନାଗମନର ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ସଡ଼କ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗାଁକୁ ପକ୍କା ରାସ୍ତାଟିଏ ନ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି। ହେଲେ ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅରେ ପଚ ପଚ ହେଉଛି। ଫଳରେ ରାସ୍ତାରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ହଇରାଣ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର, ପୂର୍ବତନ ବିଧାୟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଶୁଣିଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରିକି ସ୍ଥାନୀୟ ପ୍ରଶାସନ ଏହାକୁ ବିରୋଧ କରି ରବିବାର ଗାଁ ରାସ୍ତାରେ ଗ୍ରାମବାସୀ ଧାନଗଛ ରୋଇଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୟାଗଡ ଜିଲା ରଣପୁର ବ୍ଲକ ଲୋଧାଛୁଆ ପଞ୍ଚାୟତର ମାନପୁର ଗ୍ରାମରେ।

ଏହି ଗାଁରେ ୬୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗାଁକୁ ପକ୍କା ରାସ୍ତାଟିଏ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଲଗାଣ ବର୍ଷାରେ ଗାଁକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ବେହାଲ, କାଦୁଅ ପଚପଚ ନାଳି ମାଟି ରାସ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଯଦି ଗ୍ରାମରେ ଗର୍ଭବତୀ କି କାହାର ଦେହ ଖରାପ ହୁଏ ଗାଁକୁ ଆମ୍ବୁଲାନ୍ସଟିଏ ଆସି ପାରେ ନାହିଁ । ଦିନେ କି ଦୁଇ ଦିନର ଘଟଣା ନୁହେଁ ଏଭଳି ବର୍ଷ ବର୍ଷ ଧରି ଏଠାରେ ଦେଖିବାକୁ ମିଳିଥାଏ। ଏ ସମ୍ପର୍କରେ ରଣପୁର ବିଡିଓ ସୁଧୀର ନାୟକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଉକ୍ତ ରାସ୍ତାର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

